

# ଭୁବନେଶ୍ୱର ସିଟି

**କ୍ୟାପିଟାଲ୍ ହସ୍ପିଟାଲ**

# ଅନ୍‌ଲାଇନ୍ ଟିକଟ ପ୍ରିଣ୍ଟିଂ ମେସିନ୍ ଅଚଳ

ଭୁବନେଶ୍ୱର,୫ା୧(ସମିସ): ହସ୍ପିଟାଲ ପରିସରରେ ପଞ୍ଜୀକରଣ ପାଇଁ ଅନ୍‌ଲାଇନ୍ ଟିକଟ ପ୍ରିଣ୍ଟିଂ ମେସିନ ଏବଂ ଲ୍ୟାବ୍ ରିପୋର୍ଟ ପ୍ରିଣ୍ଟିଂ ମେସିନ ଲଗାଯାଇଥିଲା। କିନ୍ତୁ ତାହା କାମ କରୁ ନ ଥିବାରୁ ପ୍ରତିଦିନ ଶତାଧିକ ରୋଗୀ ନାମ ପଞ୍ଜୀକରଣ କରି ନ ପାରି ଘଣ୍ଟାଘଣ୍ଟା ଧରି ଧାଡ଼ିରେ ଠିଆହେଉଛନ୍ତି। ଅନେକ ସମୟରେ ରୋଗୀ ନିରାଶ ହୋଇ ଫେରି ଯାଉଥିବା ଅଭିଯୋଗ ହେଉଛି।




କ୍ୟାପିଟାଲ ହସ୍ପିଟାଲ ପରିସରରେ ଅଧିକ ଗହଳି ଯୋଗୁଁ ଲୋକଙ୍କୁ ପଞ୍ଜୀକରଣ ପାଇଁ ଧାଡ଼ିରେ ହିଁ ଅଧିକ ସମୟ ଛିଡ଼ାହେବାକୁ ପଡ଼ିଥାଏ। ତେଣୁ ଭିଡ଼ କମାଇବା ପାଇଁ ହସ୍ପିଟାଲର ପୂର୍ବ ପାଶ୍ୱର୍ ପଞ୍ଜୀକରଣ କେନ୍ଦ୍ର ନିକଟରେ ଅନ୍‌ଲାଇନ ଟିକଟ ପ୍ରିଣ୍ଟିଂ ମେସିନ ଲଗାଯାଇଥିଲା। ଏହା ସହ ନିକଟରେ ଏକ ବୋର୍ଡ ରହିଛି ଯେଉଁଠି ଅନଲାଇନ ମାଧ୍ୟମରେ କିପରି ପଞ୍ଜୀକରଣ କରାଯିବ ଏବଂ ପରେ ସେହି ଅନଲାଇନ ଟିକଟ ପ୍ରିଣ୍ଟିଂ ମେସିନରୁ କିପରି ଟିକଟ ପ୍ରିଣ୍ଟ ହେବ ତାର ନିର୍ଦ୍ଦେଶାବଳୀ ଉଲ୍ଲେଖ ଥିଲା। ଫଳରେ ଲୋକ ଧାଡ଼ିରେ ନରହି ଅନ୍‌ଲାଇନ୍ ମାଧ୍ୟମରେ ଯେକୌଣସି ସମୟରେ ନିଜର ପଞ୍ଜୀକରଣ କରିପାରିବେ ଏବଂ ତାର ପ୍ରିଣ୍ଟ କ୍ୟୁଆର କୋଡ୍ ମାଧ୍ୟମରେ ସ୍କାନକରି ସେଥିରେ କାଢିପାରିବେ। ଫଳରେ ମୋବାଇଲ୍‌ରେ ବୁକିଂ ପରେ ସ୍ୱଳ୍ପ ସମୟ ମଧ୍ୟରେ ଡାକ୍ତରଙ୍କ ପରାମର୍ଶ ନେଇପାରିବେ। ହେଲେ ଏବେ ସେହି ଅନ୍‌ଲାଇନ୍ ରିପୋର୍ଟ ପ୍ରିଣ୍ଟିଂ ମେସିନ୍ କାମ କରୁ ନ ଥିବା ପରିଲକ୍ଷିତ ହେଉଛି। ଫଳରେ ଲୋକଙ୍କୁ ଆଗ ଭଳି ଧାଡ଼ିରେ ହିଁ ଅଧିକ ସମୟ କାଟିବାକୁ ପଡୁଛି। ଏନେଇ ସହିଦନଗରରୁ ଆସିଥିବା ତପନ ପୃଷ୍ଟି କୁହନ୍ତି, ପଞ୍ଜୀକରଣ ପାଇଁ ଧାଡି ବଦଳରେ ଅନଲାଇନ କରିବାକୁ ଚେଷ୍ଟା କରୁଥିଲେ ହେଲେ ମେସିନ୍ କ୍ୟୁଆର କୋଡ ସ୍କାନ ହେଉ ନ ଥିବାବେଳେ ଟିକଟ ମଧ୍ୟ ବୁକିଂ ହୋଇପାରୁ ନାହିଁ ବୋଲି କହିଥିଲେ। ସେହିଭଳି ବାଲିଅନ୍ତାରୁ ଆସିଥିବା ଅନ୍ୟ ଜଣେ ରୋଗୀ ସମ୍ପର୍କୀୟ ଲ୍ୟାବ ରିପୋର୍ଟ ପ୍ରିଣ୍ଟ କରିବାକୁ ଆସିଥିଲେ। ହେଲେ ବାର କୋଡ୍ ସ୍କାନ କରିବାପରେ ରିପୋର୍ଟ ପ୍ରିଣ୍ଟ ହୋଇ ଆସିବା କଥା କିନ୍ତୁ ମେସିନ୍‌ର ନା କୌଣସି କି କାମ କରୁଛି ନା ରିପୋର୍ଟ ବହାରୁଛି। ଫଳରେ ତାଙ୍କୁ ନିରାଶ ହୋଇ ଫେରିବାକୁ ପଡିଲା। କିଏ ମେସିନ୍‌ରେ କାଗଜ ନାହିଁ କହି ଫେରିଯାଉଛି ତ କିଏ ମେସିନ୍ ଖରାପ ବୋଲି କହି ଫେରି ଯାଉଛି। ମେସିନ୍ ନିକଟରେ ହସ୍ପିଟାଲ ପକ୍ଷରୁ କେହି ସହାୟତା ପାଇଁ ନ ଥିବାବେଳେ ଅଧିକାଂଶ ସମୟ ମେସିନ କାମ କରୁନଥିବା ଲୋକଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ଏ ସମ୍ପର୍କରେ ହସ୍ପିଟାଲର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ଯୋଗାଯୋଗ ହୋଇପାରି ନଥିଲା।

■ ପଞ୍ଜୀକରଣ ପାଇଁ ଧାଡ଼ିରେ ଯାଉଛି ସମୟ
■ ଲ୍ୟାବ୍ ରିପୋର୍ଟ ପ୍ରିଣ୍ଟିଂ ମେସିନ୍‌ର ମଧ୍ୟ ସମାନ ଆବସ୍ଥା

## ସତ୍ୟଭାମାପୁର ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'



ବାଲିଅନ୍ତା,୫ ।୧(ସମିସ): ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ଗ୍ରାମ ପଞ୍ଚାୟତ ସଭାକକ୍ଷରେ ସୋମବାର ଅଭିଯୋଗ ଶୁଣାଣି ଶିବିର 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ସାଂସଦ ଭୁବନେଶ୍ୱରଙ୍କ ପ୍ରତିନିଧି ବିଜୟ ମହାରଣା, ସତ୍ୟଭାମାପୁର ସରପଞ୍ଚ ରଶ୍ମିତା ଭୋଇ, ସତ୍ୟଭାମାପୁର ପଞ୍ଚାୟତର ସମିତି ସଭ୍ୟା ରଶ୍ମିତା ସ୍ୱାଇଁ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣିରେ ସର୍ବମୋଟ ୬୧ଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୧୬ଟି, ଭତ୍ତା ସମ୍ବନ୍ଧୀୟ ୬ଟି, ଯୋଗାଣ ବିଭାଗ ସମ୍ବନ୍ଧୀୟ ୩ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୩୬ଟି ଅଭିଯୋଗ ହସ୍ତଗତ ହୋଇଥିଲା।

## ସରକଣା ସେବା ସମବାୟ ସମିତିର ନୂଆ କାର୍ଯ୍ୟାଳୟ ଉଦ୍‌ଘାଟିତ

ବାଲିଅନ୍ତା,୫ ।୧(ସମିସ): ବାଲିଅନ୍ତା ବ୍ଲକ୍ ଅଧୀନ ସରକଣା ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହ ସୋମବାର ଉଦଘାଟିତ ହୋଇଯାଇଛି ଏବଂ ୬୮ତମ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ବଟକୃଷ୍ଣ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ପ୍ରିୟ ବ୍ରତ ପଣ୍ଡା, ଅମିୟ ପ୍ରସାଦ ଖୁଣ୍ଟିଆ (ଏସଆର୍‌ସି ଏସ୍) ଭୁବନେଶ୍ୱର ବରିଷ୍ଠ ସମବାୟବିତ୍ ରାଜକିଶୋର ରଥ, ଝିଣ୍ଟି ସାସନ ସେବା ସମବାୟ



ସମିତିର ସଭାପତି ବିଜୟ କୁମାର ନାୟକ, ପ୍ରତାପଶାସନ ସମବାୟ ସମିତିର ସଭାପତି ନଳିନୀକାନ୍ତ ମହାପାତ୍ର, ବଂଇଚୁଆ ସଭାପତି ବେଣୁଧର ସାହୁ, ଭିଙ୍ଗାରପୁର ସମିତି ସଭାପତି ରବିନ୍ଦ୍ରନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସମିତିର ସଭାପତି ସୋମନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମିତିର ସମସ୍ତ ପ୍ରକାର ଆୟ ବ୍ୟୟ ଅଟକଳ ଓ ହିସାବ ଖର୍ଚ୍ଚର ସମିକ୍ଷା ପରେ ଅନୁମୋଦନ ଲାଭ କରିଥିଲା। ଆୟକୁ ଦେଖି କର୍ମଚାରୀଙ୍କୁ ସେମାନଙ୍କର ପ୍ରାପ୍ୟକୁ ବୃଦ୍ଧି କରାଯିବା ପାଇଁ ଉପସ୍ଥିତ ସଭ୍ୟମାନଙ୍କର ମତାମତକୁ ଅଗ୍ରାଧିକାର ଭିତ୍ତିରେ ପୁରଣ କରାଯିବ ବୋଲି ପ୍ରସ୍ତାବ ଗୃହିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ପରିଷଦର ବରିଷ୍ଠ ସଦସ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ମାଗୁଣି ଚରଣ ବେହେରା, ନିରଞ୍ଜନ ସେନାପତି, ଶଙ୍କର ବେହେରା, ବସନ୍ତ କୁମାର ଦାସ, ରବିନ୍ଦ୍ର ନାଥ ନାୟକ, ସୁଭେନ୍ଦୁ ବେହେରା, ଗୋଲାପ ପଣ୍ଡା, ସୁସମାରାଣି ଜେନା, ରଘୁନାଥ ପଣ୍ଡା, ତ୍ରିଲୋଚନ ରାଉତ ଯୋଗଦେଇଥିଲେ। ଭାରା ପ୍ରାପ୍ତ ସଂପାଦକ ଦେବେନ୍ଦ୍ର କୁମାର ପୃଷ୍ଟି ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲାବେଳେ ଉପ-ସଭାନେତ୍ରୀ ବେବିନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୯ରେ ବୀମା କର୍ମଚାରୀଙ୍କ ଦେଶବ୍ୟାପୀ ଧର୍ମଘଟ

କଟକ/ଭୁବନେଶ୍ୱର, ୫ା୧(ସମିସ): ରାଷ୍ଟ୍ରାୟତ ସାଧାରଣ ବୀମା ସଂସ୍ଥାଗୁଡ଼ିକର ସୁରକ୍ଷା ଏବଂ କର୍ମଚାରୀଙ୍କ ସ୍ୱାର୍ଥ ରକ୍ଷା ଦାବିରେ ଆସନ୍ତା ୯ ଜାନୁଆରୀରେ ଦେଶବ୍ୟାପୀ ଧର୍ମଘଟ ପାଇଁ ଡାକରା ଦିଆଯାଇଛି। ସୋମବାର କଟକସ୍ଥିତ ଶ୍ରୀ ରାମଚନ୍ଦ୍ର ଭବନ ପରିସରରେ ପୂର୍ବାଞ୍ଚଳ ସାଧାରଣ ବୀମା କର୍ମଚାରୀ ସଂଘ ଓଡ଼ିଶା ରାଜ୍ୟ ଶାଖାର ୧୬ଶ ସମ୍ମିଳନୀ ଅବସରରେ ଏହି ସୂଚନା ଦିଆଯାଇଛି। ସଂଘର ସଭାପତି ବିଜୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଶ୍ରମିକଙ୍କ ଅଧିକାର ଛଡ଼ାଇ ନିଆଯାଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି ଏଆଇଟିୟୁସି ରାଜ୍ୟ ସମ୍ପାଦକ କିଶୋର ଚନ୍ଦ୍ର ଜେନା କହିଛନ୍ତି ଯେ ସମ୍ପ୍ରତି ୪ ଶ୍ରମ କୋଡ୍ ଲାଗୁ କରି ଶ୍ରମିକଙ୍କୁ ମାଲିକଙ୍କ ଦାସରେ ପରିଣତ କରିବାକୁ ଉଦ୍ୟମ ଚାଲିଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର ସାଧାରଣ ସମ୍ପାଦକ ତ୍ରିଦେବ ମୁଖାର୍ଜୀ କହିଛନ୍ତି ଯେ ସରକାର ସାଧାରଣ ବୀମା ସଂସ୍ଥାକୁ ଶକ୍ତିଶାଳୀ କରିବା ପରିବର୍ତ୍ତେ ଏହାକୁ ବିଦେଶୀ ପୁଞ୍ଜିନିବେଶ ମାଧ୍ୟମରେ ଘରୋଇକରଣ କରିବାକୁ ଉଦ୍ୟମ କରୁଛନ୍ତି। ୨୦୨୨ ମସିହାରୁ ବୀମା କର୍ମଚାରୀଙ୍କ ବେତନ ସଂଶୋଧନ ହୋଇ ନ ଥିବାରୁ ଏହା ବିରୁଦ୍ଧରେ ଜାନୁଆରୀ ୯ ରେ ଦେଶବ୍ୟାପୀ ଧର୍ମଘଟ ଏବଂ ଫେବୃଆରୀ ୧୨ରେ କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକର ମିଳିତ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। ସମ୍ମିଳନୀରେ ସାଧାରଣ ସମ୍ପାଦକ ମନୋଜ ରଥ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ବାମପନ୍ଥୀ ନେତା ଅମରେନ୍ଦୁ ମହାନ୍ତି, ପି.ଏନ୍. ଉପାଧ୍ୟାୟ ଓ ରଣଜିତ ରାୟ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ତ କୁମାର ଦେ ଉପଦେଷ୍ଟା, ବିଜୟ ସାହୁ ସଭାପତି, ମନୋଜ ରଥ କାର୍ଯ୍ୟକାରୀ ସଭାପତି ଏବଂ ଅକ୍ଷୟ ବେହୁରିଆ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

## ଯୁବ ଦିବସରେ ପଡ଼ିବ ମୋକିମ୍‌ଙ୍କ ନୂଆ ଦଳର ମୂଳଦୁଆ

ଭୁବନେଶ୍ୱର/କଟକ,୫ା୧(ସମିସ): ଓଡ଼ିଶା ରାଜନୀତିରେ ଏକ ନୂଆ ବିକଳ୍ପର ପ୍ରତୀକ୍ଷାରେ ଥିବା ଚର୍ଚ୍ଚାରେ ଏବେ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି। କଟକ-ବାରବାଟୀର ପୂର୍ବତନ ବିଧାୟକ ତଥା ଟାଣୁଆ ନେତା ମହମ୍ମଦ ମୋକିମ୍ ଆଗାମୀ ୧୨ ଜାନୁଆରୀ ଅର୍ଥାତ୍ ଜାତୀୟ ଯୁବ ଦିବସ ଅବସରରେ ନିଜର ପ୍ରସ୍ତାବିତ ଆଞ୍ଚଳିକ ଦଳର ମୂଳଦୁଆ ପକାଇବେ। ଦୀର୍ଘ ଦିନର କଳ୍ପନାଜଳ୍ପନା ପରେ ମୋକିମ୍ ନିଜେ ଏହି ସୂଚନା ଦେଇଛନ୍ତି।

ମୋକିମ୍‌ଙ୍କ କହିବା ଅନୁଯାୟୀ, ଆସନ୍ତା ୧୨ ତାରିଖରେ ଏକ ବୃହତ ଯୁବ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ୨୦୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବା ବେଳେ, ଆଗାମୀ ଦଶନ୍ଧିରେ ଓଡ଼ିଶାର ନବନିର୍ମାଣ ପାଇଁ ଯୁବକମାନଙ୍କ ଭୂମିକା କ'ଣ ହେବ, ସେ ନେଇ ରୋଡ୍?ମ୍ୟାପ୍ ପ୍ରସ୍ତୁତ କରାଯିବ। ଦଳରେ ବିଶେଷକରି ଉପକୂଳ ଓଡ଼ିଶାର ଉଦୀୟମାନ ଯୁବନେତାମାନେ ଏକାଠି ହେବେ ଏବଂ ଯୁବ ପିଢ଼ିକୁ ହିଁ ଦଳର ମଙ୍ଗ ଧରାଇବାକୁ ଯୋଜନା ରହିଛି।

ନୂଆ ଦଳର ନାମକୁ ନେଇ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ମୋକିମ୍ ସ୍ପଷ୍ଟ କରିଛନ୍ତି ଯେ, ନୂଆ ଦଳର ନାମରେ 'କଂଗ୍ରେସ' ଶବ୍ଦ ନିଶ୍ଚିତ ଭାବେ ରହିବ। ତେବେ ଏହି ନାମଟି କ'ଣ ହେବ, ସେଥିପାଇଁ ସେ ଜ୍ୟୋତିଷଙ୍କ ସହ ଆଲୋଚନା କରୁଛନ୍ତି। ଗ୍ରହ ନକ୍ଷତ୍ରର ସ୍ଥିତି ଓ ରାଜନୈତିକ ସଫଳତାକୁ ଦୃଷ୍ଟିରେ ରଖି ଖୁବ୍?ଶୀଘ୍ର ନାମ ଚୂଡ଼ାନ୍ତ ହେବ। ମାର୍ଚ୍ଚ ଶେଷ ସପ୍ତାହ ସୁଦ୍ଧା ଦଳ ଗଠନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଶେଷ ହୋଇ ଏକ ଆନୁଷ୍ଠାନିକ ଘୋଷଣା କରାଯିବ।

ନିଜ କନ୍ୟା ତଥା ବର୍ତ୍ତମାନର ବିଧାୟିକା ସୋଫିଆ ଫର୍ଦ୍ଦୋସଙ୍କ ରାଜନୈତିକ ଭବିଷ୍ୟତକୁ ନେଇ ମଧ୍ୟ ମୋକିମ୍ ନିଜର ମତ ରଖିଛନ୍ତି। ସୋଫିଆ ଏବେ କଂଗ୍ରେସ ବିଧାୟିକା ଅଛନ୍ତି, ତେଣୁ ସେ ନିଜର ରାଜନୈତିକ ନିଷ୍ପତ୍ତି ନେବା ପାଇଁ ସ୍ୱାଧୀନ ବୋଲି ମୋକିମ୍ କହିଛନ୍ତି। ସୋଫିଆ ତାଙ୍କ ନୂଆ ଦଳରେ ସାମିଲ ହେବେ କି ନାହିଁ, ତାହା ସମ୍ପୂର୍ଣ୍ଣ ଭାବେ ତାଙ୍କ ଉପରେ ନିର୍ଭର କରେ। ସାମାଜିକ ନ୍ୟାୟ, ନିଶା ନିବାରଣ ଏବଂ ଯୁବ ଅଭିବୃଦ୍ଧିକୁ ପ୍ରସଙ୍ଗ କରି ମୋକିମ୍ ଯେଉଁ ନୂଆ ଦଳ ଗଢ଼ିବାକୁ ଯାଉଛନ୍ତି, ତାହା ଆଗାମୀ ଦିନରେ 'ତୃତୀୟ ଶକ୍ତି' ଭାବେ ଉଭା ହେବାର ସମ୍ଭାବନା ରହିଛି।

● ଯୁବକଙ୍କୁ ନେଇ ଗଢ଼ାହେବ ରଣନୀତି
● ଦଳର ନାମରେ ରହିବ 'କଂଗ୍ରେସ'

## ଭେନେଜୁଏଲା ଉପରେ ଆକ୍ରମଣର ପ୍ରତିବାଦ




ଭୁବନେଶ୍ୱର, ୫ା୧ (ସମିସ): ଭେନେଜୁଏଲାର ସାର୍ବଭୌମତ୍ୱ ଉପରେ ଆମେରିକାର ନଗ୍ନ ସାମ୍ରାଜ୍ୟବାଦୀ ଆକ୍ରମଣ ଏବଂ ସେଠାକାର ଗଣତାନ୍ତ୍ରିକ ଭାବେ ନିର୍ବାଚିତ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଅନ୍ୟାୟ ଭାବେ ବନ୍ଦୀ କରାଯାଇଥିବା ଘଟଣାକୁ ବିରୋଧ କରି ଆଜି ଭୁବନେଶ୍ୱରଠାରେ ସିପିଆଇ (ଏମ୍‌ଏଲ୍) ଲିବରେସନ ପକ୍ଷରୁ ଏକ ଶକ୍ତିଶାଳୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଏହି ପ୍ରତିବାଦ ସଭାରେ ଦଳର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ବରିଷ୍ଠ ନେତା ରାଧାକାନ୍ତ ସେଠୀ ଏବଂ ରାଜ୍ୟ କମିଟି ସଭ୍ୟ ମହେନ୍ଦ୍ର ପରିଡ଼ା ପ୍ରମୁଖ ଯୋଗ ଦେଇ ଆମେରିକାର ଏହି ଦାଦାଗିରିକୁ ତୀବ୍ର ନିନ୍ଦା କରିଛନ୍ତି।

## ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

କଟକ, ୫ା୧(ସମିସ): ଯୋବ୍ରା ଅଞ୍ଚଳରେ ଥିବା ଘରୋଇ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ରୋଗୀର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏନେଇ ମୃତକ ଇନ୍ଦ୍ରଦେବ କୁମାର ଶର୍ମା(୬୩)ଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଆଜି ଉକ୍ତ ହସ୍ପିଟାଲରେ ଉତ୍ତେଜନା ଦେଖାଦେଇଥିଲା। ମାଲଗୋଦାମ ଥାନା ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ପରିବାର ଲୋକ ମାଲଗୋଦାମ ଥାନାର ଦ୍ୱାରସ୍ଥ ହୋଇଥିଲେ ସତ କିନ୍ତୁ ଶବ ବ୍ୟବଚ୍ଛେଦ କରିବାକୁ ଚାହୁଁ ନଥିବାରୁ ମୃତ ଶରୀରକୁ ନେଇ ସୋମବାର ଅପରାହ୍ନରେ ନିଜ ଘରକୁ ଫେରିଥିବା ସୂଚନା ମିଳିଛି।

ମୃତକଙ୍କ ଭାଇଙ୍କଠାରୁ ମିଳିଥିବା ସୂଚନା ମୁତାବକ, ଜାମସେଦପୁରସ୍ଥିତ ବାଗୋଳା ଅଞ୍ଚଳର ନିବାସୀ ଇନ୍ଦ୍ରଦେବ। ମସ୍ତିଷ୍କାଘାତର ଶିକାର ହୋଇ ଗୁରୁତର ଅବସ୍ଥାରେ ଗତ ୩୦ ତାରିଖରେ ଯୋବ୍ରାରେ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଆବଶ୍ୟକ ମୁତାବକ ଚିକିତ୍ସା କରାଯାଉ ନଥିବା ଅନୁଭବ କରିବାରୁ ଗତ ଦୁଇଦିନ ହେବ ଭୁବନେଶ୍ୱରସ୍ଥିତ ଅନ୍ୟ ଏକ ହସ୍ପିଟାଲ ସ୍ଥାନାନ୍ତର କରିବାକୁ ଉକ୍ତ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ପରିବାର ଲୋକ ଆଲୋଚନା କରିଥିଲେ। ହେଲେ ରବିବାର ସନ୍ଧ୍ୟାରୁ ହଠାତ୍ ରୋଗୀଙ୍କ ସହ ଭେଟିବାକୁ ପରିବାର ଲୋକଙ୍କୁ ମନା କରିବାରୁ ସେମାନଙ୍କ ମନରେ ସନ୍ଦେହ ଉପୁଜିଥିଲା। ଏନେଇ ପଚରାଉଚରା କରିବାକୁ କିଛି ଘଣ୍ଟା ପରେ ଦୂରରୁ ରୋଗୀଙ୍କୁ ଦେଖିବାକୁ ମେଡିକାଲ କର୍ମଚାରୀ କହିଥିଲେ। ହେଲେ ରୋଗୀଙ୍କ ଶରୀରରେ ଲାଗିଥିବା ଉପକରଣଗୁଡିକ ବନ୍ଦ ଥିବା ଦେଖି ପରିବାର ଲୋକ ପଚରାଉଚରା କରିଥିଲେ। ମାତ୍ର ଚିକିତ୍ସା ଠିକ୍ ଚାଲିଥିବା ହସ୍ପିଟାଲ କହିଥିଲେ। ଆଜି ସକାଳୁ ମଧ୍ୟ ରୋଗୀଙ୍କୁ ଭେଟିବାକୁ କର୍ମଚାରୀ ସିଧାସଳଖ ମନା କରିଥିଲେ ଏବଂ ମଧ୍ୟାହ୍ନ ସମୟରେ ଇନ୍ଦ୍ରଦେବଙ୍କ ପରଲୋକ ଘଟିଥିବା ମେଡିକାଲ କର୍ତ୍ତୃପକ୍ଷ ଜଣାଇଥିଲେ। ପରିବାର ଲୋକ ସମସ୍ତ ବିଷୟରେ ପ୍ରଶ୍ନ କରିବା ସହ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ଖବର ପାଇ ମାଲଗୋଦାମ ପୁଲିସ ପହଞ୍ଚି ସ୍ଥିତି ଆୟତ୍ତ କରିଥିଲା।

**ଘରୋଇ ହସ୍ପିଟାଲରେ ଉତ୍ତେଜନା**

## କ୍ୟାପିଟାଲ ହସ୍ପିଟାଲ ଅଧୀକ୍ଷକ ହେଲେ ଡାକ୍ତର ସୁଶାନ୍ତ ନାୟକ

ଭୁବନେଶ୍ୱର,୫ା୧(ସମିସ): ଡାକ୍ତର ସୁଶାନ୍ତ କୁମାର ନାୟକଙ୍କୁ କ୍ୟାପିଟାଲ ହସ୍ପିଟାଲ ଅଧିକ୍ଷକ ଭାବେ ନୂଆ ଦାୟିତ୍ୱ ମିଳିଛି। ଦୀର୍ଘ ୮ ମାସ ଧରି ଖାଲି ପଡ଼ିଥିବା ଅଧୀକ୍ଷକ ପଦବୀକୁ ଶେଷରେ ପୂରଣ କରିଛି ସ୍ୱାସ୍ଥ୍ୟ ବିଭାଗ। ଏନେଇ ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଡାକ୍ତର ସୁଚିତ୍ର କୁମାରୀ ସାହୁଙ୍କୁ ଡିଏଚ୍‌ଏସ୍ ଏବଂ ବ୍ରହ୍ମପୁର ସିଟି ହସ୍ପିଟାଲରେ ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ସ୍ୱତନ୍ତ୍ର ଡ୍ୟୁଟି ଭାବେ ଦାୟିତ୍ୱ ତୁଲାଇବେ। ସେହିପରି ଡାକ୍ତର ଭବାନୀ ଶଙ୍କର ମିଶ୍ର ଗଞ୍ଜାମ ମୁଖ୍ୟ ହସ୍ପିଟାଲ ସିଡିଏମ୍‌ଓ ଓ ପିଏଚ୍‌ଓ ଦାୟିତ୍ୱ ମିଳିଛି। ଡାକ୍ତର ପ୍ରମିଳା ବରାଳଙ୍କୁ ଡିଏଚ୍‌ଏସ୍‌ରେ, ଡାକ୍ତର ପ୍ରମୋଦ କୁମାର ପ୍ରହରାଜଙ୍କୁ ଭଦ୍ରକ ସିଡିଏମ୍‌ଓ ଓ ପିଏଚ୍‌ଓ, ଡାକ୍ତର ଛନ୍ଦା କାନୁନ୍‌ଗୋଙ୍କୁ ଡିଏଚ୍‌ଏସ୍‌ରେ ନିଯୁକ୍ତି ମିଳିଛି। ଡାକ୍ତର ହରେକୃଷ୍ଣ ଶତପଥୀଙ୍କୁ କଳାହାଣ୍ଡି ସିଡିଏମ୍‌ଓ ଓ ପିଏଚ୍‌ଓ ଭାବେ ଅବସ୍ଥାପିତ କରାଯାଇଛି। ଡାକ୍ତର ସୁଧାରାଣୀ ପ୍ରଧାନଙ୍କୁ ଡିଏଚ୍‌ଏସ ସହିତ ଆରଜିଏଚ୍ ରାଉରକେଲାରେ ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ସ୍ୱତନ୍ତ୍ର ଡ୍ୟୁଟି, ଡାକ୍ତର ମହେନ୍ଦ୍ର କୁମାର ସାହୁଙ୍କୁ ବୌଦ୍ଧ ସିଡିଏମ୍‌ଓ ଏବଂ ଡାକ୍ତର ଇତିଶ୍ରୀ ମିଶ୍ରଙ୍କୁ ଡିଏଚ୍‌ଏସ୍‌କୁ ବଦଳି କରାଯାଇଛି।




**ଆମ ରାଜଧାନୀ ଆମ ଐତିହ୍ୟ**

## କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ଅଖଣ୍ଡଚଣ୍ଡୀ ମନ୍ଦିର



ଭୁବନେଶ୍ୱର,୫ା୧ (ସମିସ): ଓଡିଶା ଇତିହାସର ଅନେକ ଗୌରବମୟ ଅତୀତକୁ ଛାତିରେ ଧରି ରଖିଛି ଏହି ମନ୍ଦିରମାଳିନୀ ସହର। ଓଡିଶାର ନା ଉଠିଲେ ଆଗ ମନେପଡେ ଏଠାରେ ଥିବା ଅନେକ ପୁରାତନ ଐତିହ୍ୟସ୍ଥଳୀ। ସେଥିମଧ୍ୟରୁ ଅନ୍ୟତମ ହେଉଛି ଦଶମ ଶତାବ୍ଦୀରରେ ନିର୍ମିତ ଅଖଣ୍ଡଚଣ୍ଡୀ ମନ୍ଦିର।

ପୁରୁଣା ଭୁବନେଶ୍ୱରର ବଡ଼ୁ ସାହିରେ ରହିଛି ଏହି ଐତିହ୍ୟ ମନ୍ଦିର ଯାହା ଅଖଣ୍ଡଚଣ୍ଡୀ ମନ୍ଦିର ଭାବେ ପରିଚିତ। ଏହା ବିନ୍ଦୁସାଗରର ଦକ୍ଷିଣପାଶ୍ୱର୍ରେ ଅବସ୍ଥିତ। ଅଖଣ୍ଡଚଣ୍ଡୀ ମନ୍ଦିର ଦଶମ ଶତାବ୍ଦୀରେ ନିର୍ମିତ ହୋଇଥିବା ବିଶ୍ୱାସ କରାଯାଏ। ଯେଉଁଠି ଚଣ୍ଡୀଙ୍କୁ ପୂଜା କରାଯାଇଥାଏ। ଅର୍ଥାତ ଏଠାରେ ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମହିଷାସୁରମର୍ଦ୍ଦିନୀ। ଏଠାରେ ଦୁର୍ଗାଷ୍ଟମୀ ଏବଂ ବାଳଭୋଗ, ଦୀପାବଳି, ନବରାତ୍ରୀ ଭଳି ଧାର୍ମିକ ପୂଜା ପାଳନ କରାଯାଇଥାଏ। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଓ କିମ୍ବଦନ୍ତୀ ଅନୁଯାୟୀ, ମହିଳାମାନେ ପିଲାଙ୍କ ସ୍ୱାସ୍ଥ୍ୟ ଓ ମଙ୍ଗଳ କାମନା ପାଇଁ ଏଠାରେ ପୂଜା କରିଥାନ୍ତି। ଏହା ସହିତ ଦୁଃଖ ସମୟରେ ପୂଜା କଲେ ନିଶ୍ଚିତ ଭାବେ ସବୁ ସମସ୍ୟା ଦୂର ହେଉଥିବା ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି। ସେହି ମନ୍ଦିର ନିକଟରେ ଏକ ବରଗଛ ରହିଛି ଯେଉଁଠି ଶିବଙ୍କୁ ପୂଜା କରାଯାଇଥାଏ। ମନ୍ଦିରଟି ଦକ୍ଷିଣମୁଖୀ ଏବଂ ଅଧିଷ୍ଠାତ୍ରୀ ଦେବୀ ପୂର୍ବମୁଖୀ ଅଟନ୍ତି। ଏହି ମନ୍ଦିର କଳିଙ୍ଗସ୍ଥାପତ୍ୟ ଶୈଳୀରେ ବାଲି ପଥରକୁ ବ୍ୟବହାରକରି ନିର୍ମିତ ହୋଇଛି। ମୁଖ୍ୟ ମନ୍ଦିର ହେଉଛି ଏକ ଖାକରା ଦେଉଳ। ମନ୍ଦିରର ମୁଖ୍ୟ ପ୍ରବେଶ ଦ୍ୱାରା ବ୍ୟତୀତ ପୂର୍ବ ଏବଂ ଉତ୍ତର କାନ୍ଥରେ ଦୁଇଟି ସହାୟକ ପ୍ରବେଶ ଦ୍ୱାର ମଧ୍ୟ ରହିଛି।

**ଏବେ କେମିତି ରହିଛି?**

ମନ୍ଦିରଟି ବିନ୍ଦୁସାଗରର ଦକ୍ଷିଣପାଶ୍ୱର୍ରେ ଅବସ୍ଥିତ। ଏହା ସଂରକ୍ଷିତ ହୋଇ ରହିଥିଲେ ହେଁ ବିଭିନ୍ନ ପ୍ରାକୃତିକ କାରଣ ଯୋଗୁ ମନ୍ଦିରର ରଙ୍ଗରେ ପରିବର୍ତ୍ତନ ଆସିବା ସହ କିଛି ଅଂଶରେ ଫାଟ ମଧ୍ୟ ସୃଷ୍ଟି ହେଲାଣି। ମନ୍ଦିରକୁ ଲାଗି ବରଗଛ ରହିଥିବାରୁ ଗଛର ଓହଳ ମାଡିବା ସହ ଏବଂ ପତ୍ରରେ ମନ୍ଦିରର ସୌନ୍ଦର୍ଯ୍ୟ ଲୁଚିଯାଉଥିବା ଦେଖିବାକୁ ମିଳୁଛି। ଏଭଳି ପୁରାତନ ଐତିହ୍ୟକୁ ବିଶେଷ ରକ୍ଷଣାବେକ୍ଷଣ ଆବଶ୍ୟକ ହେଉଥିବା ସ୍ଥାନୀୟଲୋକ ମତ ଦେଇଥିଲେ।





# ଅଳିଆ ପାଇଁ ୟୁଜର୍ସ ଫି ନେବ ବିଏମ୍‌ସି

- ଏଣିକି ମହଙ୍ଗା ହେବ ବିବାହ ଆୟୋଜନ
- ମହଙ୍ଗା ହେବ ସିନେମା ଟିକଟ
- ସ୍ୱଚ୍ଛ ସର୍ବେକ୍ଷଣ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉପଭୋକ୍ତା ଦେୟ

ଭୁବନେଶ୍ୱର,୫।୧(ସମିସ): ବିଏମ୍‌ସି ଆଦାୟ କରିବ ୟୁଜର୍ସ ଫି। ଦୋକାନ, ବ୍ୟବସାୟୀକ ପ୍ରତିଷ୍ଠାନ, ଭୋଜନାଳୟ ସମସ୍ତଙ୍କ ଠାରୁ ୟୁଜର୍ସ ଫି ଆଦାୟ କରାଯିବ। ସମସ୍ତେ ଗଣିବେ ୟୁଜର୍ସ ଫି। ସମସ୍ତଙ୍କ ପାଇଁ ଭିନ୍ନ ଭିନ୍ନ ତାଲିକା ପ୍ରସ୍ତୁତ କରାଯାଇଛି। ଏହି ତାଲିକା ଅନୁଯାୟୀ ୟୁଜର୍ସ ଫି ଦେବେ। ହୋଲ୍ଡିଂ ଟିକସ, ଟ୍ରେଡ୍ ଲାଇସେନ୍ସ ସହ ବିଏମ୍‌ସିକୁ ଏକାଧିକ ଟିକସ ଦେବା ପରେ ଅଳିଆ ଉଠାଇବା ପାଇଁ ଆଉ ଏକ ଟିକସ ଦେବାକୁ ପଡ଼ିବ। ୟୁଆଡେ ପାଦ ପଡ଼ିବ ସେଠାରୁ ଅଳିଆ ଟିକସ ଆଦାୟ ହେବ। ବ୍ୟବସାୟୀମାନେ ଏହି ଟିକସ ଭାର ବିଭିନ୍ନ ଆଳରେ ଗ୍ରାହକଙ୍କ ଉପରେ ଲଦି ନେବେ। ଗ୍ରାହକ ଅଳିଆ ଟିକସ ଘରେ ଦେବେ ଏହାପରେ ମଲ୍, ରେଷ୍ଟୋରାଁ, ରେଳ ଷ୍ଟେସନ ସବୁଠି ଦେବେ। ଅଳିଆ ଫୋପାଡ଼ କି, ନାହିଁ। ଯାହା ରାଜଧାନୀବାସୀଙ୍କ ପକେଟ୍‌କୁ ଭାରି ପଡ଼ିପାରେ।

ମାସିକ ହିସାବରେ ମୂଲ୍ୟ ଧାର୍ଯ୍ୟ କରାଯାଇଛି। ୮୦୦ ବର୍ଗଫୁଟ୍‌ରୁ କମ୍ ଇଡବ୍ଲୁଏସ୍ ଘରରେ ରହୁଥିଲେ ଲେକେ ବିଏମ୍‌ସିକୁ ମାସିକ ୫୦ଟଙ୍କା ଦେବାକୁ ପଡ଼ିବ। ସେହିପରି ଏମ୍‌ଆଇଜି ଘର ପାଇଁ ୭୫ ଏବଂ ଏଚ୍‌ଆଇଜି ଘର ପାଇଁ ୧୨୫ ଟଙ୍କା ୟୁଜର୍ସ ଫି ଦେବାକୁ ପଡ଼ିବ। ହୋଟେଲଗୁଡ଼ିକ ପାଇଁ ୪ଟି ଶ୍ରେଣୀ ପ୍ରସ୍ତୁତ କରାଯାଇଛି। ୧୦ ରୁମ୍ ବିଶିଷ୍ଟ ହେଲେ ୫ଶହ ଟଙ୍କା, ୩୦ ରୁମ୍‌ରୁ ପର୍ଯ୍ୟନ୍ତ ହେଲେ ସର୍ବାଧିକ ୧୦୦୦ଟଙ୍କା ଦେବାକୁ ପଡ଼ିବ।

ତେବେ ୟୁଜର୍ସ ଫି ନିୟମ ବିବାହ ଆୟୋଜନକୁ ଅଧିକ ମହଙ୍ଗା କରିଦେବ। ସର୍ବନିମ୍ନ ଶ୍ରେଣୀରେ ମାତ୍ର ୧ଏକର ମଧ୍ୟରେ ମଣ୍ଡପ ଥିବ। ଏଥିରୁ ୫ଶହ କେଜିର ବର୍ଜ୍ୟ ବାହାରୁଥିବେ ତେବେ ୧୦ହଜାରେ ଟଙ୍କା ଗଣିବାକୁ ପଡ଼ିବ। ଏହା ସହ ପ୍ରତ୍ୟେକ ୧୦୦କେଜି ପାଇଁ ଆଉ ଅଧିକ ୧୦୦୦ ଗଣିବାକୁ ପଡ଼ିବ। ସେହିପରି ୩ଏକର ମଧ୍ୟରେ ମଣ୍ଡପ ଥିଲେ ୨୦ ହଜାରରେ, ୫ ଏକର ମଧ୍ୟରେ ଥିରେ ୩୦ହଜାର ଏହାଠାରୁ ଅଧିକ ଥିଲେ ୪୦ହଜାର ପର୍ଯ୍ୟନ୍ତ ଅଳିଆ ଉଠାଇବା ଖର୍ଚ୍ଚ ବା ୟୁଜର୍ସ ଫି ଦେବାକୁ ପଡ଼ିବ। ଯାହାକୁ ନେଇ ରାଜଧାନୀବାସୀଙ୍କ ମଧ୍ୟରେ ଛନକା ପଶିଯାଇଛି।

ସେହିପରି ସିନେମା ଟିକଟ୍ ମଧ ମହଙ୍ଗା ହେବ। ହଲ୍ ଏବଂ ମଲ୍‌ଟିପ୍ଲେକ୍ସରେ ସିଟ୍ ପିଛା ୟୁଜର୍ସ ଫି ଆଦାୟ ହେବ। ତେବେ ଏହାର ବୋଧକୁ ମାଲିକମାନେ ଗ୍ରାହକଙ୍କ ଉପରେ ନଦି ଦେଇ ପାରନ୍ତି। ଏଣୁ ସିନେମା ଟିକଟ୍ ମହଙ୍ଗା ହେବାର ବହୁ ସମ୍ଭାବନା ରହିଛି। ସେହିପରି ରେଳ ଷ୍ଟେସନ, ବସ୍ ଷ୍ଟାଣ୍ଡ, ପେଟ୍ରୋଲ ପମ୍ପ, ଇଣ୍ଡଷ୍ଟ୍ରିଜ୍, ହେଟେଲ, ଗେଷ୍ଟ ହାଉସ୍, ବିଉଟି ପାର୍ଲର, ସଫିଂ ମଲ୍, ସ୍ପା, ଉଠା ଦୋକାନ, ହାଟ ପ୍ରଣ୍ଟିଂ ପ୍ରେସ୍ ପର୍ଯ୍ୟନ୍ତ ସମସ୍ତଙ୍କ ଠାରୁ ୟୁଜର୍ସ ଫି ଆଦାୟ କରାଯିବ।

ଏହାସହ ୨୦୨୫-୨୬ ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ଭୁବନେଶ୍ୱରବାସୀ ଆଗେଇ ଆସିବାକୁ ମେୟର ସୁଲୋଚନା ଦାସ ଆହ୍ୱାନ ଦେଇଛନ୍ତି। ନୂତନବର୍ଷ ୨୦୨୬ ଅବସରରେ ବିଏମସି ପକ୍ଷରୁ ସହରବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସହରର ସ୍ୱଚ୍ଛତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ନୂତନ ଅଭିଯାନ ଆରମ୍ଭ ହୋଇଛି। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୫-୨୬ରେ ଭୁବନେଶ୍ୱରକୁ ଦେଶର ଶ୍ରେଷ୍ଠ ସହର ଭାବେ ଗଢ଼ିତୋଳିବା ପାଇଁ ବିଏମସି ପକ୍ଷରୁ ସେ ଲୋକମାନଙ୍କ ସହଯୋଗ କାମନା କରିଛନ୍ତି ଭୁବନେଶ୍ୱର ମେୟର ସୁଲୋଚନା ଦାସ।

ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଆବାସିକ ଘର, ଦୋକାନ, ହୋଟେଲ ଏବଂ ଅନୁଷ୍ଠାନ ପାଇଁ ସ୍ୱତନ୍ତ୍ର ୟୁଜର ଫି ଧାର୍ଯ୍ୟ କରାଯାଇଛି। ସହରବାସୀ 'ସଫା ଆପ୍' କିମ୍ବା ବିଏମସିର ସ୍ୱତନ୍ତ୍ର ହ୍ୱାଟ୍‌ସଆପ୍ ନମ୍ବର ୭୬୫୩୦୧୮୩୨ ମାଧ୍ୟମରେ ଅଧିକ ସୂଚନା ପାଇପାରିବେ। ସ୍ୱଚ୍ଛସାଥୀମାନେ ନିଜ ନିଜ ୱାର୍ଡରୁ ୨୦୧୮ ମସିହାରେ ବିଏମ୍‌ସି ଦ୍ୱାରା ଧାର୍ଯ୍ୟ ୟୁଜର୍ସ ଫି ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାୟୀ ବାସିନ୍ଦା, ସମସ୍ତ ବ୍ୟବସାୟୀ, ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ବିଭିନ୍ନ ପ୍ରତିଷ୍ଠାନ, ଉଦ୍ୟୋଗ ଇତ୍ୟାଦିଙ୍କଠାରୁ ୟୁଜର୍ସ ଫି ଆଦାୟ କରିବେ। ଏ ନେଇ ସେମାନଙ୍କୁ ତାଲିମ ମଧ୍ୟ ଦିଆଯାଇଛି। ଆସନ୍ତୁ, ସମସ୍ତେ ମିଶି ଭୁବନେଶ୍ୱରକୁ ଏକ ନମ୍ବର ସହର ଭାବେ ଗଢ଼ିତୋଳିବାକୁ ଅନୁରୋଧ କରିଛନ୍ତି।

ବିଏମ୍‌ସି କମିଶନର ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶକ୍ରମେ ବିଏମ୍‌ସି ନିୟୋଜିତ ଆଇଇସି ଟିମ୍ ପରିମଳ ସଂପର୍କିତ ବିଭିନ୍ନ ନିୟମ ଏବଂ ନାଗରିକ ଦାୟିତ୍ୱବୋଧ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବେ। କେଉଁ ପ୍ରତିଷ୍ଠାନ ପାଇଁ କେତେ ୟୁଜର୍ସ ଫି ଦେବାକୁ ପଡ଼ିବ, ସେ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ। ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ମେୟରଙ୍କ ସହ ଅତିରିକ୍ତ କମିସନର ରତ୍ନାକର ସାହୁ ଏବଂ ଡେପୁଟି କମିଶନର, ପରିମଳ, ଏନ୍. ଗଣେଶ ବାବୁ ଉପସ୍ଥିତ ଥିଲେ।

# ଚୁନୁକୁଳି ବସ୍ତି ନିକଟରୁ ୧୦ ଫୁଟିଆ ଅଜଗର ଉଦ୍ଧାର



ଭୁବନେଶ୍ୱର, ୫।୧(ସମିସ): ଭୁବନେଶ୍ୱର ଚୁନୁକୁଳି ବସ୍ତି ନିକଟରୁ ଏକ ୧୦ ଫୁଟର ଅଜଗର ସାପ ଉଦ୍ଧାର ହୋଇଛି। ଏହି ସାପଟି ସ୍ଥାନୀୟ ଅଞ୍ଚଳର ଏକ ବୁଦା ନିକଟରେ ଲୁଚି ରହିଥିଲା। ସାପର ଗର୍ଜନ ଶୁଣି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଏହାପରେ କିଛି ଲୋକ ଏଠାରେ ସାପ ଲୁଚିଥିବା ନେଇ ଜାଣିବା ପରେ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନ ବିଭାଗ ଟିମ୍ ସହ ସ୍ନେକ୍ ହେଲ୍‌ପ ଲାଇନର ସଦସ୍ୟ ସେଠାରେ ପହଞ୍ଚି ସାପକୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ଅନ୍ୟପଟେ ସାପଟି ବୁଦାରେ ଲୁଚି ରହିଥିବାରୁ ବାହାରକୁ ଆଣିବା ପାଇଁ ପ୍ରଥମେ ସେଠାରେ ଧୂଆଁ ଦିଆଯାଇଥିଲା। ଧୂଆଁ ପାଇବା ପରେ ସାପଟି ବାହରକୁ ଆସିଥିଲା। ଏହାପରେ ସାପକୁ ଧରିବାକୁ ଉଦ୍ୟମ ହୋଇଥିଲା। ମାତ୍ର ସାପଟି ୧୦ ଫୁଟ୍ ଲମ୍ବର ହୋଇଥିବାରୁ ପ୍ରଥମେ ସାପକୁ ଧରିବାକୁ ନାକେଦମ୍ ହେବାକୁ ପଡ଼ିଥିଲା। ଏହାପରେ ସାପଟିକୁ କାବୁ କରି ବନ ବିଭାଗ ସ୍ନେକ ହେଲ୍‌ପ ଲାଇନ୍‌ର ଟିମ୍ ଏହାକୁ ସ୍ଥାନୀୟ ଚନ୍ଦକା ଜଙ୍ଗଲରେ ଛାଡ଼ିଥିଲେ। ତେବେ ଚୁନୁକୁଳି ବସ୍ତି ଭିତରକୁ ଏତେବଡ଼ ଅଜଗର କେଉଁଠାରୁ ଆସିଲା ତାକୁ ନେଇ ଉଠିଛି ପ୍ରଶ୍ନ। ସାପଟି କେଉଁ ଆଡୁ ଚାଲି ଆସିଛି ନା କେହି ବନ୍ୟଜନ୍ତୁ ମାଫିଆ ସାପ ଚାଲାଣ ପାଇଁ ନେବା ବେଳେ ଧରାପଡ଼ିଯିବା ଭୟରେ ଏଠାରେ ଛାଡ଼ି ଦେଇ ଯାଇଛି ତାକୁ ନେଇ ସନ୍ଦେହ ଉପୁଜିଛି।

## ବିଲ୍ଡର ଅଫିସରେ ଚାଷୀଙ୍କ ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର, ୫।୧ (ସମିସ): ଜମି ବିକ୍ରି କରି ମଧ ଟଙ୍କା ପାଇଲେନି। ବାରମ୍ବାର ବିଲ୍ଡରଙ୍କ ଦ୍ୱାରସ୍ଥ ହୋଇ ବିଫଳ ହେବାରୁ ଚରମ ପଦକ୍ଷେପ ଆପଣାଇଛନ୍ତି ଜଣେ ଚାଷୀ। ବିଲଡର ଅଫିସରେ ଆତ୍ମାହୂତି ଉଦ୍ୟମ କରିଛନ୍ତି। ବିଜେବି ନଗରରେ ଏଭଳି ଘଟଣା ଘଟିଥିବା ବେଳେ ଦୁଇ ପକ୍ଷ ଲକ୍ଷ୍ମୀସାଗର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ସୁନ୍ଦରପଦା ଅଞ୍ଚଳର ରତିକାନ୍ତ ପ୍ରଧାନ ୨୦୧୩ ମସିହାରେ ବିଲ୍ଡର ପବିତ୍ର ମହାପାତ୍ରଙ୍କୁ ୬୦ ଲକ୍ଷ ଟଙ୍କାରେ ଜମି ବିକ୍ରି କରିଥିଲେ। ପ୍ରାୟ ଟଙ୍କା ପାଇଥିଲେ ମଧ ଲକ୍ଷାଧିକ ଟଙ୍କା ବକେୟା ରହିଥିଲା। ଉକ୍ତ ଜମିରେ ବିବାଦ ଥିବାରୁ ପଟ୍ଟା ହେବାରେ ସମସ୍ୟା ସୃଷ୍ଟି ହୋଇଥିଲା। ଏହାକୁ ନେଇ ବିବାଦ ବଢ଼ିଥିଲା। ରତିକାନ୍ତ ବାକି ଟଙ୍କା ମାଗିବାରୁ ପବିତ୍ର ବିବାଦ ସମାଧାନ କରିବାକୁ କହିଥିଲେ। ଦୀର୍ଘ ୧୨ ବର୍ଷ ହେବ ଜମି ଓ ଟଙ୍କାକୁ ନେଇ ବିବାଦ ଲାଗି ରହିଛି। ରତିକାନ୍ତ ସୋମବାର ବିଜେବି ନଗର ସ୍ଥିତ ପବିତ୍ରଙ୍କ ଅଫିସ୍ ଆଗରେ ଆତ୍ମାହୁତି ଉଦ୍ୟମ କରିଥିଲେ। ଲକ୍ଷ୍ମୀସାଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ରତିକାନ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ରତିକାନ୍ତ ସୁସ୍ଥ ହେବା ପରେ ଥାନାରେ ଅଭିଯୋଗ କରିଛନ୍ତି।

## ବିଧାୟକଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟିତ



ହଂସପାଳ,୫।୧(ସମିସ): ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ଜଳ ସମ୍ପଦ ବିଭାଗ ପକ୍ଷରୁ କରାଯାଉଥିବା ୩ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟରେ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ଉଦ୍ଘାଟନ କରିଛନ୍ତି। ସେଥିମଧ୍ୟରୁ ୧୨ ଲକ୍ଷ ବ୍ୟୟରେ ପାରିବାସୁଦେବପୁର କେନାଲ ବନ୍ଧ ରାସ୍ତା, ୨ କୋଟି ୧୦ ଲକ୍ଷ ବ୍ୟୟରେ କୁଶଭଦ୍ରା ବାମ ପାର୍ଶ୍ୱ ବନ୍ଧର ଉନ୍ନତିକରଣ, ୩୬ ଲକ୍ଷ ଓ ୨୯ ଲକ୍ଷ ବ୍ୟୟରେ ନରଣପୁର ବାମପାର୍ଶ୍ୱ ବନ୍ଧର ପୁନରୁଦ୍ଧାର ସହ ପିଚୁ ରାସ୍ତା ପାଇଁ ୧୮ ଲକ୍ଷ ଓ ୧୯ ଲକ୍ଷ ରହିଅଛି। ବିଧାୟକ ପହଞ୍ଚିବା କ୍ଷଣି ସେଠାରେ ଉପସ୍ଥିତ ଥିବା ବହୁ କର୍ମୀମାନେ ପୁଷ୍ପଗୁଚ୍ଛ ଦେଇ ବିଧାୟକଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ବାଲିପାଟଣା ବ୍ଲକ୍ ଅଧ୍ୟକ୍ଷା ହରପ୍ରିୟା ଦାସ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ଜେନା, ୧୯ ନମ୍ବର ବିଜେଡି ଜିଲ୍ଲାପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, ପ୍ରତାପରୁଦ୍ରପୁର ସରପଞ୍ଚ ଶ୍ରଦ୍ଧୟା ପାତ୍ର, ସମିତି ସଭ୍ୟ ଉମାରାଣି ମହାନ୍ତି, ଦୁଇ ବ୍ଲକ୍ ବିଜେଡି ସଭାପତି ପ୍ରଦୀପ ଜେନାମଣି ଓ କିଶୋର ଜେନା, ଭାକର ସାହି ସରପଞ୍ଚ ଚନ୍ଦ୍ରକାନ୍ତି ବେହେରା,ସମିତି ସଭ୍ୟ କାହ୍ନୁ ଚରଣ ପାତ୍ର, ଭିଙ୍ଗାରପୁର ସରପଞ୍ଚ ହୃଷୀକେଶ ବେହେରା, ବେଣ୍ଟପୁର ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତି ସଭ୍ୟ ଝରଣା ସ୍ୱାଇଁ, ବେଣୁପୁର ପୂର୍ବତନ ସରପଞ୍ଚ ତପନ ପରିଡ଼ା, ସମାଜସେବୀ ଜୟୀରାମ ସ୍ୱାଇଁ ଉପସ୍ଥିତ ଥିଲେ। ଆମ ସଂଗଠନର ସକ୍ରିୟ ସଦସ୍ୟ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## କାର୍ ଓଲଟି ଦୁଇ ଆହତ

ଯାଁଳା,୫।୧(ସମିସ): ସମିସ ଇନଫୋଭ୍ୟାଲି ଥାନା ୧୬ ଜାତୀୟ ରାଜପଥ ଗଙ୍ଗପଡା ନିକଟରେ ଏକ କାର ଓଲଟି ଦୁଇ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକ ଆହତ ମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। ମିଳିଥିବା ସୂଚନା ଅନୁସାରେ ସୋମବାର ରାତି ପ୍ରାୟ ୮ଟା ବେଳେ ଏକ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ଗଙ୍ଗପଡା ନିକଟରେ ଦ୍ରୁତଗତିରେ ଆସୁଥିବା କାରଟି କୌଣସି କାରଣରୁ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ କାର୍‌ରେ ଥିବା ଦୁଇ ଜଣ ଆହତ ହୋଇଥିଲେ। ସୌଭାଗ୍ୟକୁ ପଛରୁ କୌଣସି ଗାଡି ଆସୁ ନ ଥିବାରୁ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକ ଓ ବାଟରେ ଯାଉଥିବା କିଛି ମୋଟରସାଇକଲ ଚାଳକ ଡେି ଆସି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ।

# ଶଶୁର ଘରେ ଜ୍ୱାଇଁଙ୍କୁ ହତ୍ୟା ଅଭିଯୋଗ

- ଶାଶୂ, ଶଶୁର, ଶାଳୀ ଓ ସଢୁଙ୍କ ନାମରେ ମାମଲା
- ହତ୍ୟା ପୂର୍ବରୁ ନିର୍ଯାତନା ଦେଉଥିବା ଅଭିଯୋଗ

ଭୁବନେଶ୍ୱର, ୫।୧ (ସମିସ): ଶ୍ୱଶୁର ଘରେ ଜ୍ୱାଇଁଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ରଣପୁର ସୁଭଦ୍ରାପୁର ମନୋରଞ୍ଜନ ପରିଡ଼ା। ଶଶୁର ଘର ଲୋକେ ତାଙ୍କୁ ହତ୍ୟା କରିଥିବା ନେଇ ବାପା ମାଗୁଣି ପରିଡ଼ା ଭରତପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ମନୋରଞ୍ଜନ ତାଙ୍କ ସମ୍ପର୍କୀୟ ମାଉସୀ ଝିଅକୁ ପ୍ରେମ ବିବାହ କରିଥିଲେ। ରୋଜଗାର ପାଇଁ ମନୋରଞ୍ଜନଙ୍କ ବାପା ଏକ କାର କିଣି ଦେଇଥିଲେ। ଗାଁରେ ରହିବା ପରେ କିଛିଦିନ ପରେ ଫୁଲେଶ୍ୱରୀ ବସ୍ତିରେ ଥିବା ଶଶୁର ଘର ନିକଟରେ ଆସି ପତିପତ୍ନୀ ଭଡ଼ାରେ ରହିଥିଲେ। ହେଲେ ଶଶୁର ଘର ଲୋକ ପ୍ରବର୍ତ୍ତାଇବା ପରେ କାରଟିକୁ ବିକ୍ରି କରି ଦେଇଥିଲେ। କାର ବାବଦରେ ମିଳିଥିବା ଟଙ୍କାକୁ ଶଶୁର ଘର ଲୋକେ ନେଇ ଯାଇଥିଲେ। ଏହାପରେ ମନୋରଞ୍ଜନଙ୍କ ବାପା ମାଗୁଣି ପୁଅ ପାଇଁ ଏକ ଅଟୋ କିଣିଥିଲେ। ଅଟୋଟିକୁ ପତ୍ନୀ ନାମରେ କରିବାକୁ ଶଶୁର ଘର ଲୋକ ଚାପ ପକାଇଥିଲେ ମଧ ମନୋରଞ୍ଜନ ରାଜି ହୋଇନଥିଲେ। ଫଳରେ ଶାଶୂ, ଶଶୁର, ପତ୍ନୀ, ଶାଳୀ ଓ ସଢୁ ମିଶି ନିର୍ଯାତନା ଦେଉଥିଲେ। ଏମିତିକି ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ ମଧ କରିଥିଲେ। ନିର୍ଯାତନା ଅସହ୍ୟ ହେବାରୁ ମନୋରଞ୍ଜନ ଗାଁକୁ ପଳାଇଥିଲେ। ସେଠାରେ ୫/୬ ମାସ ରହିବା ପରେ ଶଶୁର ଘର ଲୋକ ଯାଇ ଆପୋଷ ବୁଝାମଣା କରିଥିଲେ। ପତ୍ନୀ ଅନେକ ସମୟରେ ଫୋନରେ କଥାବାର୍ତ୍ତା ହେଉଥିବାରୁ ମନୋରଞ୍ଜନ ତାଙ୍କୁ ସନ୍ଦେହ କରୁଥିଲେ। ଫୋନ୍ କରି ଡକାଇବାରୁ ଗତ ୧ ତାରିଖ ଦିନ ମନୋରଞ୍ଜନ ଫୁଲେଶ୍ୱରୀ ବସ୍ତିରେ ଥିବା ଶଶୁର ଘରକୁ ଆସିଥିଲେ। ମନୋରଞ୍ଜନ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଗତକାଲି ତାଙ୍କ ଶାଳୀ ଫୋନ୍ କରି ମାଗୁଣିଙ୍କୁ ଜଣାଇଥିଲେ। ଗାଁରୁ ବାପା ଆସି ପହଞ୍ଚିବା ବେଳକୁ ଏମ୍ସ ଡାକ୍ତରଖାନାରେ କେହି ମଧ ନଥିଲେ। ଫଳରେ ମାଗୁଣିଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଶଶୁର ଘର ଲୋକେ ପୁଅକୁ ସୁକଳ୍ପିତ ଭାବେ ହତ୍ୟା କରି ଦେଇଛନ୍ତି ବୋଲି ମାଗୁଣି ଭରତପୁର ଥାନାରେ ଏତଲା ଦେଇଛନ୍ତି। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଶାଶୂ, ଶଶୁର, ଶାଳୀ ଓ ସଢୁଙ୍କ ନାମରେ ହତ୍ୟା ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

# ବଇଁଚୁଆ ବଜାରରେ ବୁଲିଲା ବୁଲଡୋଜର

# ମାଟିରେ ମିଶିଲା ୪୬ ଦୋକାନଘର

ବାଲିଅନ୍ତା, ୫।୧ (ସମିସ): ବାଲିଅନ୍ତା ତହସିଲ ପ୍ରଶାସନ ପକ୍ଷରୁ ବଇଁଚୁଆ ବଜାର (ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ)ରୁ ସୋମବାର ବ୍ୟାପକ ଜବରଦଖଲ ଉଚ୍ଛେଦ କରାଯାଇଛି। ତହସିଲଦାର ତହସିଲ କାର୍ଯ୍ୟାଳୟ ପକ୍ଷରୁ ୪୭ ଜଣ ବ୍ୟବସାୟୀମାନଙ୍କୁ ନୋଟିସ ମାଧ୍ୟମରେ ତାଗିଦ କରାଯାଇଥିଲା।

ଜଣେ ବ୍ୟବସାୟୀଙ୍କ ଅଭିଯୋଗ କୋର୍ଟ ରହିତାଦେଶ ବଳରେ ଭୁବନେଶ୍ୱର



ଲିଲନ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ବେଆଇନ ଭାବେ ନିର୍ମିତ ୪୬ଟି ଦୋକାନ ଘର ଉପରେ ବୁଲଡୋଜର ପାହାର ବସିଛି। ଉକ୍ତ ବଜାରରେ ବ୍ୟବସାୟୀମାନେ ସରକାରୀ ରାସ୍ତା ଜବର ଦଖଲ କରି ଦୀର୍ଘବର୍ଷ ଧରି ବ୍ୟବସାୟ ଚଳାଇଥିଲେ। ଫଳରେ ରାସ୍ତା ସଂକୀର୍ଣ୍ଣ ହୋଇ ଗାଡି ମଟର ଯାତାୟତରେ ସମସ୍ୟା ସୃଷ୍ଟି ହେଉଥିଲା। ୧୦୮ ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ ଗାଡି ଘଣ୍ଟା ଘଣ୍ଟା ଫସି ରହୁଥିଲା। ଉପ ଜିଲ୍ଲାପାଳଙ୍କ ପାଖରେ ବିଚାରାଧୀନ ଥିବାରୁ ତାଙ୍କର ଦୋକାନ ଘର ଭଙ୍ଗା ଯାଇପାରିନି। ଥାନା ଅଧିକାରୀ ଅନୀଲ ପରିଡାଙ୍କ ଉପସ୍ଥିତିରେ ୧ ସେକସନ ପୁଲିସ ଫୋର୍ସ ଶାନ୍ତିଶୃଙ୍ଖଳା ପାଇଁ ନିୟୋଜିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ରଶ୍ମିତା ନାଥ, ଅତିରିକ୍ତ ତହସିଲଦାର ନୀଳ ମାଧବ ମହାନ୍ତି, ବଇଁଚୁଆ ରାଜସ୍ୱ ନିରୀକ୍ଷକ ସମୀର ବେହେରା ଓ ସୁପରଭାଇଜର ଅମରେନ୍ଦ୍ର ମହାରଥି ପ୍ରମୁଖ ଉପସ୍ଥିତ ଥିଲେ।

# ବାପା ମୁଣ୍ଡରେ ବୋତଲ ଭାଙ୍ଗିଲା ପୁଅ

ଭୁବନେଶ୍ୱର,୫।୧(ସମିସ): କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତି ଝରଣାସାହିରେ ବାପା ମୁଣ୍ଡରେ ବୋତଲ ଭାଙ୍ଗିଲା ପୁଅ। ଏହି ଆକ୍ରମଣରେ ବାପାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଲହୁଲୁହାଣ ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ମିଳିଥିବା ସୂଚନା ମୁତାବକ, ପୂର୍ବରୁ ବାପ-ପୁଅଙ୍କ ମଧ୍ୟରେ ବାରମ୍ବାର ଏଭଳି କହଳ ଲାଗି ରହୁଥିଲା। ସନ୍ଧ୍ୟାରେ ବାପା ଲକ୍ଷ୍ମୀଧର ପଣ୍ଡା ଏକ ଦୋକାନାରେ ଛିଡା ହୋଇଥିଲେ। ଏହି ସମୟରେ ପୁଅ ରଶ୍ମିରଞ୍ଜନ ତାଙ୍କ କାମ ଶେଷ କରି ଆସିଥିଲେ। ଏହାପରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ତିକ୍ତତା ହୋଇଥିଲା। ରଶ୍ମିରଞ୍ଜନ ତାଙ୍କ ବାପାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଖବରପାଇ ପୁଲିସ ତାଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି। ଏହାସହ ତାଙ୍କ ବାପାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରିଥିଲା।

# ଅପର୍ଣ୍ଣା ହତ୍ୟା ମାମଲାରେ ଛନ୍ଦିହେଲା କନେଷ୍ଟବଳ ଦୀପକ

ଭୁବନେଶ୍ୱର, ୫।୧ (ସମିସ): ମହିଳା ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟା ଘଟଣାରେ ଗିରଫ ହୋଇଥିବା କନେଷ୍ଟବଳ ସ୍ୱାମୀ ଦୀପକ ଲାଗି ଅଡୁଆ ବଢ଼ିଛି। ପୂର୍ବରୁ ଗୋଟିଏ ହତ୍ୟା ମାମଲା ବିଚାରାଧୀନ ଥିବାବେଳେ ଏବେ ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀ ହତ୍ୟା ମାମଲାରେ ମଧ ଛନ୍ଦି ହୋଇଛି। ସୋମବାର ଖୁଣ୍ଟୁଣୀ ଥାନା ପୁଲିସ ଦୀପକକୁ ଦିନିକିଆ ରିମାଣ୍ଡରେ ନେଇ ଆଠଗଡ଼ ଏସଡିଜେଏମ୍ କୋର୍ଟରେ ହାଜର କରାଇଛି। କୋର୍ଟରେ ହାଜର ହେବାପରେ ଅପର୍ଣ୍ଣା ହତ୍ୟା ମାମଲାରେ ମଧ ଫସିଛି କନେଷ୍ଟବଳ ଦୀପକ। ଆବଶ୍ୟକ ପଡ଼ିଲେ ଦୀପକକୁ ଆଉଥରେ ରିମାଣ୍ଡରେ ନିଆଯିବ ବୋଲି ପୁଲିସ କହିଛି।



- ଦିନିକିଆ ରିମାଣ୍ଡରେ ନେଲା ଖୁଣ୍ଟୁଣି ପୁଲିସ
- ହତ୍ୟା କରିଛି ବୋଲି ରିପୋର୍ଟ ଦେଇଥିଲେ ଡାକ୍ତର
- ପୁଣିଥରେ ହେବ ରିମାଣ୍ଡ ଆବେଦନ
- କନେଷ୍ଟବଳ ଶୁଭମିତ୍ରା ହତ୍ୟାକାଣ୍ଡରେ ବି ମୁଖ୍ୟ ଅଭିଯୁକ୍ତ

ପୁଲିସ ସୂଚନାନୁସାରେ, ସିପି ଅଫିସରେ କାମ କରୁଥିବା ଦୀପକ ୨୦୧୮ ଏପ୍ରିଲ ମାସରେ ଢେଙ୍କାନାଳ ଜିଲ୍ଲା ତିଳପଦା ଗାଁର ଅପର୍ଣ୍ଣାଙ୍କୁ ବିବାହ କରିଥିଲା। ୨୦୨୨ ମସିହା ମାର୍ଚ୍ଚ ମାସ ୧୭ ତାରିଖ ଦିନ ଦୀପକ ଓ ପ୍ରଥମ ପତ୍ନୀ ଅପର୍ଣ୍ଣା କାର୍ ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିବା ବେଳେ ଖୁଣ୍ଟୁଣି ଥାନା ଅନ୍ତର୍ଗତ ରାଧାକିଶୋରପୁର ଠାରେ ଟ୍ରକ୍ ଧକ୍କାରେ ଆହତ ହୋଇଥିଲେ। ଦୀପକ ତାଙ୍କୁ ପ୍ରଥମେ କଟକ ସ୍ଥିତ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲା ଓ ସେଠାରେ ଅପର୍ଣ୍ଣା ମୃତ୍ୟୁବରଣ କରିଥିଲେ। ଅପର୍ଣ୍ଣାଙ୍କୁ ଓଡି-୦୨-ଏସ୍-୩୪୮୬ ନମ୍ବର ବିଶିଷ୍ଟ ଏକ ଟ୍ରକ ଧକ୍କା ଦେଇଥିବା ଦୀପକ ଖୁଣ୍ଟୁଣି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲା। ହେଲେ ଦୀପକ ଟ୍ରକ୍ ମାଲିକଙ୍କୁ ଟଙ୍କା ଦେଇ ମିଛ କହିବାକୁ କହିଥିଲା ବୋଲି ସେତେବେଳେ ଟ୍ରକ୍ ମାଲିକ ବୟାନ ଦେବା ପରେ ପୁଲିସ ଏଫ୍‌ଆରଟି ନୋ କ୍ଲୁ କରି ମାମଲାକୁ ବନ୍ଦ କରି ଦେଇଥିଲା। ଅପର୍ଣ୍ଣାଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ଥିବା ବୀମା ବାବଦକୁ କୋଟିଏ ଟଙ୍କା ପାଇଥିଲା ଦୀପକ। ଏହାପରେ ଟ୍ରାଫିକ ଡିସିପିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳା ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ସାହୁଙ୍କୁ ପ୍ରେମ କରିବା ସହ ସବ୍ ରେଜିଷ୍ଟ୍ରାର ଅଫିସରେ ବିବାହ କରିଥିଲା। ବିବାହ ପରେ ଶୁଭମିତ୍ରାଙ୍କ ନାମରେ ମଧ କୋଟିଏ ୨୫ ଲକ୍ଷ ଟଙ୍କାର ବୀମା କରିବା ସହ ୧୭ ଲକ୍ଷ ଟଙ୍କା ଧାର ନେଇଥିଲା। ଶୁଭମିତ୍ରା ୧୦ ଲକ୍ଷ ଟଙ୍କା ଫେରି ପାଇଥିବାବେଳେ ବାକି ୭ ଲକ୍ଷ ଟଙ୍କା ମାଗିବାରୁ ଦୀପକ ତାଙ୍କୁ ରାଜଧାନୀରେ ହତ୍ୟା କରି ଘଟଗାଁ ଜଙ୍ଗଲରେ ପୋତି ଦେଇଥିଲା। ଏହି ହତ୍ୟାକାଣ୍ଡର ଫର୍ଦ୍ଦାଫାସ ହେବାପରେ ଦୀପକ ସନ୍ଦେହ ଘେରକୁ ଆସିଥିଲା।

ଅପର୍ଣ୍ଣାଙ୍କୁ ମଧ ହତ୍ୟା କରିଥିବା ଭଉଣୀ ରୋଜାଲିନ ଅଭିଯୋଗ କରିବା ପରେ ଖୁଣ୍ଟୁଣି ଥାନା ମାମଲା ରୁଜୁ କରି ତଦନ୍ତ କରିଥିଲା। ଅପର୍ଣ୍ଣାଙ୍କ ପରିବାର ସଦସ୍ୟ, ଦୁର୍ଘଟଣା ମାମଲାର ତଦନ୍ତକାରୀ ଅଧିକାରୀ, ସାକ୍ଷୀ ଓ ତତ୍କାଳୀନ ଖୁଣ୍ଟୁଣି ଥାନା ଅଧିକାରୀ, ଅପର୍ଣ୍ଣାଙ୍କୁ ମୃତ ଘୋଷଣା କରିଥିବା ଡାକ୍ତର, ମୃତଦେହକୁ ବ୍ୟବଚ୍ଛେଦ କରିଥିବା ଡାକ୍ତର, ବ୍ୟବଚ୍ଛେଦ ସମୟରେ ଉପସ୍ଥିତ ଥିବା ଦୀପକର ଭାଇ, ଭାଉଜଙ୍କୁ ପଚରାଉଚରା କରିଥିଲା। ଏଥିସହିତ ଦୀପକର ଧରମ ଭଉଣୀ ତଥା କମିସନରେଟ ପୁଲିସରେ କାର୍ଯ୍ୟରତ ଜଣେ ମହିଳା କନେଷ୍ଟବଳଙ୍କୁ ମଧ ଜେରା କରିଥିଲା ପୁଲିସ। ଏସବୁ ବାଦ୍ ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ପୁନଃଯାଞ୍ଚ କରିବାକୁ ଡାକ୍ତରଙ୍କ ସହଯୋଗ ଲୋଡ଼ିଥିଲା। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଉକ୍ତ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ତର୍ଜମା କରିବା ବେଳେ ଚାଞ୍ଚଲ୍ୟକର କଥା ପଦାକୁ ଆସିଥିଲା। ଅପର୍ଣ୍ଣାଙ୍କ ଶରୀରରେ ରହିଥିବା କ୍ଷତ ଚିହ୍ନ ମନୁଷ୍ୟକୃତ ବୋଲି ଡାକ୍ତରୀ ଟିମ୍ ରିପୋର୍ଟ ଦେଇଥିଲେ। ସାକ୍ଷୀମାନଙ୍କ ବୟାନ ସାଙ୍ଗକୁ ଡାକ୍ତରଙ୍କ ରିପୋର୍ଟ ମିଳିବା ପରେ ଦୀପକ ହିଁ ଅପର୍ଣ୍ଣାଙ୍କୁ ହତ୍ୟା କରିଥିବା ପୁଲିସ ନିଶ୍ଚିତ ହୋଇଥିଲା। କଟକ ଗ୍ରାମାଞ୍ଚଳ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଝାରପଡ଼ା ଜେଲ ଆସି ଦୀପକକୁ ପଚରାଉଚରା କରିଥିଲା। ଅପର୍ଣ୍ଣା ହତ୍ୟା ମାମଲା ଲଗାଇବା ପାଇଁ ଦୀପକକୁ ରିମାଣ୍ଡରେ ନେବାକୁ ଖୁଣ୍ଟୁଣୀ ପୁଲିସ ଆବେଦନ କରିଥିଲା। ଆଠଗଡ଼ ଓ ଭୁବନେଶ୍ୱର ଏସଡିଜେଏମଙ୍କ ଅନୁମତି କ୍ରମେ ଖୁଣ୍ଟୁଣୀ ଥାନା ପୁଲିସ ସୋମବାର ଦୀପକକୁ ଦିନିକିଆ ରିମାଣ୍ଡରେ ନେଇଥିଲା। ଆଠଗଡ଼ କୋର୍ଟରେ ହାଜର କରାଇ ଅପର୍ଣ୍ଣା ହତ୍ୟା ମାମଲାରେ ଆଟାଚ୍ କରିଛି। ପ୍ରକ୍ରିୟା ସରିବା ପରେ ଦୀପକ ଝାରପଡ଼ା ଜେଲକୁ ଫେରି ଆସିଛି। ଦୀପକକୁ ଆଉଥରେ ରିମାଣ୍ଡରେ ନେବାକୁ ପୁଲିସ କୋର୍ଟରେ ଆବେଦନ କରିବ ବୋଲି ଯୋଜନା କରିଛି। ଦୀପକକୁ ନେବାପରେ କ୍ରାଇମ୍ ସ୍ପଟକୁ ନେଇ ଆଉ କିଛି ପ୍ରମାଣ ହାତେଇବାକୁ ପୁଲିସ ଲକ୍ଷ୍ୟ ରଖିଛି। ଆବଶ୍ୟକ ହେଲେ ଦୀପକର ମିଛ ଧରା ପରୀକ୍ଷା କରାଯିବାକୁ ମଧ ପୁଲିସ ଯୋଜନା କରିଛି।



# ଭୁବନେଶ୍ୱର ସିଟି

# ଚିନ୍ତା ବଢ଼ାଉଛି ରାସ୍ତା ଖୋଳା

**ଭୁବନେଶ୍ୱର,୫ ।୧(ସମିସ):** ଭୁବନେଶ୍ୱର ସ୍ମାର୍ଟସିଟିର ମାନ୍ୟତା ପାଇବା ପରେ ମଧ୍ୟ ପ୍ରମୁଖ ରାସ୍ତା ଗୁଡ଼ିକ ଉପରେ ପିଚୁ ଉଠିବା ଆଗରୁ ପୁନର୍ବାର ପିଚୁ ପକାଯାଇ ରାସ୍ତାକୁ ସର୍ବଦା ଚକାଚକ୍ କରାଯାଉଛି । କିନ୍ତୁ ରାସ୍ତାଗୁଡ଼ିକ ସୁନ୍ଦର କରିବା ପରିବର୍ତ୍ତେ ଯାତ୍ରୀମାନଙ୍କ ପାଇଁ ବିପଦ ସୃଷ୍ଟି କରାଯାଉଥିବା ଅଭିଯୋଗ ହୋଇଛି । କାରଣ ରାସ୍ତା ଗୁଡ଼ିକ ଯେଉଁଭଳି ଭାବେ ଖୋଳାଯାଇଛି, ଟିକିଏ ଅବସାବଧନତା ଦୁର୍ଘଟଣା ଘଟାଇପାରେ । ଏଭଳି ରାସ୍ତା ଦେଖିବାକୁ ମିଳିଛି ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର ୪୦ରେ । ଏଠାରେ ଟିପିସିଓଡିଏଲ ପକ୍ଷରୁ କେବୁଲ ବିଛା କାମ ପାଇଁ ପ୍ରାୟ ମାସକୁ ଆଗରୁ ରାସ୍ତାଗୁଡ଼ିକ ଖୋଳାଯାଇଥିଲା । ତେବେ ବର୍ତ୍ତମାନ କାମ ନ୍ଦ ରହିଥିବା ବେଳେ ରାସ୍ତା ଉପରେ ବିଛାଡ଼ି ହୋଇ ପଡ଼ିଛି ଇଟା ପଥର ଠାରୁ ଆରମ୍ଭ କରି କୁଢ କୁଢ଼ ମାଟି । ତେବେ ଖୋଳାଯାଇଥିବା ସ୍ଥାନଗୁଡ଼ିକ ଚାରିପାଖେ କୌଣସି ବାଡ଼ ଦିଆଯାଇ ନ ଥିବାରୁ ଏଠାରେ ଛୋଟ ପିଲାଙ୍କ ଠାରୁ ଆରମ୍ଭକରି ଗାଡ଼ି ଚାଳକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି ।



ରାଜଧାନୀର ପ୍ରମୁଖ ଜନଗହଳି ସ୍ଥାନ ହେଉଛି ଏହି ଅଞ୍ଚଳ । କାରଣ ୟୁନିଟ୍ ୧ ପରିବା ହାଟକୁ ଆସୁଥିବା ଅନେକ ଲୋକେ ଏହି ରାସ୍ତାଦେଇ ଯିବାଆସିବା କରନ୍ତି । ଆଦିବାସୀ ପଡ଼ିଆଠାରୁ ମୁଖ୍ୟ ରାସ୍ତାକୁ ସଂଯୋଗ ହୋଇଥିବା ମୁଖ୍ୟ ରାସ୍ତା ଏବେ ଚିନ୍ତା ବଢ଼ାଇଛି । ୱାର୍ଡ ପରିସରରେ ରହିଥିବା ଲେନ୍ ନମ୍ବର ୧୮, ୧୯, ୨୨, ୨୩, ୨୪ରେ ମଧ୍ୟ ରାସ୍ତା ଉପରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଚାରିଆଡ଼େ କେବଳ ବିପଦସଂକୁଳ ଖାଲ । ଏଠାରେ ସରକାରୀ, କଲେଜ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ମଧ୍ୟ ରହିଛି । ଫଳରେ ବହୁ ସଂଖ୍ୟାରେ ଲୋକେ ଏହି ରାସ୍ତାକୁ ନିର୍ଭର କରନ୍ତି । ସୂଚନା ଅନୁସାରେ, ଏହି ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଥିବା ବେଳେ ଟିପିସିଓଡିଏଲ ପକ୍ଷରୁ ୧୧ କେଭି, ୩୩କେଭି ବିଦ୍ୟୁତ କେବୁଲ ବିଚାଯାଉଛି । ଏଥିପାଇଁ ୱାର୍ଡର ସମସ୍ତ ରାସ୍ତା କଡ଼ଗୁଡ଼ିକ ଖୋଳାଯାଇଛି । କିନ୍ତୁ ଦୀର୍ଘ ହେବ ଏଠାରେ କୌଣସି କାମ ହେଉ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି । ଏନେଇ ୱାର୍ଡର କର୍ପୋରେଟର ଆସିଆ ବେଗମ୍ କହିଛନ୍ତି ଯେ, ଏହି ମସସ୍ୟା ବିଷୟରେ ମୁଁ କର୍ପୋରେସନ୍ ବୈଠକରେ ପ୍ରଶ୍ନ ଉଠାଇଥିଲି । ରାସ୍ତାଟି ବିଏମସିର ହୋଇ ନ ଥିବା ବେଳେ ବିଏମସି କମିସନର ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଅଗବତ କରାଇଛନ୍ତି । ତେବେ ଅଞ୍ଚଳରେ ସମସ୍ତ ଲେନ୍ ରେ କେବୁଲ ବିଛା କାମ ଶେଷ ପରେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ମରାମତି ସହ ଯେଉଁ ସ୍ଥାନ ଖୋଳାଯାଇଛି ତାହା ମଧ୍ୟ ମରାମତି କରାଯିବ । ଖୁବଶିଘ୍ର କାମ ଶେଷ କରିବାକୁ ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବା ଶ୍ରୀମତୀ ବେଗମ୍ କହିଛନ୍ତି ।

- ସରୁନି କାମ, ସୁଧୁରୁନି ସ୍ଥିତି
- ଦୁର୍ଦ୍ଦଶା ଭୋଗୁଛନ୍ତି ଅଞ୍ଚଳବାସୀ

# ୧୦ରୁ ଖୋଲିବ ରାଜଭବନ ଉଦ୍ୟାନ

**ଭୁବନେଶ୍ୱର,୫ ।୧(ସମିସ):** ଚଳିତ ମାସ ୧୦ତାରିଖରୁ ସାଧାରଣ ଲୋକଙ୍କ ପାଇଁ ଖୋଲିବ ରାଜଭବନ (ଲୋକଭବନ) ଉଦ୍ୟାନ । ଜାନୁଆରୀ ୨୦ ତାରିଖ ଯାଏଁ ୧୦ ଦିନ ଧରି ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଅପରାହ୍ଣ ୨ଟା ୩୦ରୁ ୫ଟା ପର୍ଯ୍ୟନ୍ତ ଖୋଲା ରହିବ । ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ସକାଳ ୮ଟାରୁ ସାଢ଼େ ୧୦ଟା ଯାଏ ରଙ୍ଗିନ ଫୁଲର ସମ୍ଭାରରେ ଝଲସିବ ରାଜଭବନ ଉଦ୍ୟାନ । ଲାଲ୍ ଗୋଲାପରୁ ଆରମ୍ଭ କରି ବିଭିନ୍ନ ଫୁଲର ଆସର ଜମିବ ଉଦ୍ୟାନରେ । ଦର୍ଶକଙ୍କୁ ଆକର୍ଷିତ କରିବ ୫୦୦ରୁ ଉର୍ଦ୍ଧ୍ୱ କିସମର ଭଳି କି ଭଳି ଫୁଲର ସମ୍ଭାର । ୱାଟର ଫାଉଣ୍ଟେନ, ମ୍ୟୁଜିକାଲ ଫାଉଣ୍ଟେନ, ଗୋଲାପ ଉଦ୍ୟାନ, ହରିଣ ପାର୍କ, ମୟୂର ଏବଂ ସର୍ବୋପରି ଉଦ୍ୟାନର ସବୁଜିମା ପରିଦର୍ଶକମାନଙ୍କୁ ବିଶେଷ ଭାବରେ ଆକର୍ଷଣ କରିବ । ବିଭିନ୍ନ କିସମର ଗୋଲାପ ସାଙ୍ଗକୁ ସାଲ୍‌ଭିଆ, ଡାଲିଆ, ସେବତି, ଅର୍କିଡ୍ ହାଉସ୍ ଓ କାକ୍ଟସ୍ ହାଉସ୍ ସାଙ୍ଗକୁ ମ୍ୟୁଜିକ୍ ଫାଉଣ୍ଟେନର ଗୁଣୁଗୁଣୁ ଶବ୍ଦ ଦର୍ଶକଙ୍କ ଆକର୍ଷଣର ବିନ୍ଦୁ ପାଲଟିବ । ଉଦ୍ୟାନରେ ପୁଷ୍ପ ପ୍ରଦର୍ଶନୀ ଦେଖିବା ପାଇଁ ସ୍କୁଲ କଲେଜର ପିଲାଙ୍କଠାରୁ ଆରମ୍ଭ କରି ଲୋକମାନେ ପରିବାର ସହ ଆସିବେ । ଏଥିପାଇଁ ରାଜଭବନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ଫୁଲ ସହ ବିଭିନ୍ନ ଔଷଧୀୟ ଗଛ ସମ୍ପର୍କରେ ତଥ୍ୟ ପାଇବାର ସୁଯୋଗ ମିଳିବ । ତେବେ କେବଳ ମୋବାଇଲ୍ ଆପ୍ ପଞ୍ଜୀକରଣ ମାଧ୍ୟମରେ ପ୍ରବେଶ ଅନୁମତି ରହିବ । ଏଥିପାଇଁ ମୋବାଇଲ ପ୍ଲେଷ୍ଟୋର କିମ୍ବା ଆପ୍ ଷ୍ଟୋରରୁ 'ଉଦ୍ୟାନ ପରିଦର୍ଶନ, ରାଜଭବନ, ଓଡ଼ିଶା ମୋବାଇଲ ଆପ୍' ଡାଉନ୍‌ଲୋଡ୍ କରିବାକୁ ହେବ । ଓଡ଼ିଶା ରାଜଭବନ ୱେବସାଇଟ୍‌ରେ ଉପଲବ୍ଧ ଥିବା କ୍ୟୁଆର କୋଡ୍ ମାଧ୍ୟମରେ ମୋବାଇଲ ଆପ୍ ମଧ୍ୟ ଡାଉନ୍‌ଲୋଡ୍ କରାଯାଇପାରିବ ବୋଲି ରାଜଭବନ ପକ୍ଷରୁ ସୂଚନା ଦିଆଯାଇଛି ।

- କେବଳ ମୋବାଇଲ ଆପ୍ ମାଧ୍ୟମରେ ପଞ୍ଜୀକରଣ ପ୍ରବେଶ ଅନୁମତି
- ସକାଳ ସମୟରେ ସ୍କୁଲ ଛାତ୍ରଛାତ୍ରୀଙ୍କ ପ୍ରବେଶ ଅନୁମତି

# ୮ ରୁ କଳିଙ୍ଗ ସାହିତ୍ୟ ମହୋତ୍ସବ




**ଭୁବନେଶ୍ୱର,୫।୧(ସମିସ):** କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ (କେଏଲ୍ଏଫ) ବା କଳିଙ୍ଗ ସାହିତ୍ୟ ମହୋତ୍ସବ ଏହାର ଦ୍ୱାଦଶ ସଂସ୍କରଣ ଆସନ୍ତା ୮ ରୁ ୧୧ ତାରିଖ ପର୍ଯ୍ୟନ୍ତ ମେ'ଫେୟାରଠାରେ ଆୟୋଜିତ ହେବ । ଓଡିଶାର ଐତିହାସିକ ମନ୍ଦିରମାଳିନୀ ସହରରେ ସ୍ଥାପିତ କେଏଲ୍ଏଫ ୨୦୨୬, ଏହି ୪ ଦିନର ଆଲୋଚନା, ବିତର୍କ ଓ ବିଚାରଧାରାର ଉତ୍ସବ ପାଇଁ ବିଶ୍ୱର କୋଣ ଅନୁକୋଣରୁ ଲେଖକ, ଅନୁବାଦକ, ଚିନ୍ତକ, କଳାକାର, ନୀତିନିର୍ମାତା ସାମିଲ ହେବେ । ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ମହୋତ୍ସବକୁ ଉଦ୍‌ଘାଟନ କରିବେ । ଏହି ସମାରୋହରେ ଶ୍ରୀଲଙ୍କାର ଗ୍ରାମାଞ୍ଚଳ ବିକାଶ, ସାମାଜିକ ସୁରକ୍ଷା ଓ ସମୁଦାୟ ସଶକ୍ତିକରଣ ବିଭାଗର ମନ୍ତ୍ରୀ ଡ. ଉପଲୀ ପନ୍ନିଲାଗେ, ଓଡିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଓଡିଶାର ସଂସ୍କୃତି ଓ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ, ରାଜ୍ୟସଭା ସାଂସଦ ସୁଜିତ କୁମାର, ନେପାଳର ଜଣେ ପୂର୍ବତନ ସାଂସଦ ଡା. ବିନୋଦ ଚୌଧୁରୀ ଏବଂ ଜ୍ଞାନପୀଠ ପୁରସ୍କାର ବିଜେତା ଲେଖିକା ଡ. ପ୍ରତିଭା ରାୟ ପ୍ରମୁଖ ସାମିଲ ଅଛନ୍ତି । କେଏଲ୍ଏଫ ୨୦୨୬ର ମୁଖ୍ୟ ବିଷୟବସ୍ତୁ: ଷ୍ଟୋରିଜ୍ ଦ୍ୟାଟ ସେପ୍ ହ୍ୟୁମାନିଟି: ଟ୍ରାନ୍ସଲେଟିଂ ୱାର୍ଲ୍ଡସ, ଟ୍ରାନ୍ସଫର୍ମିଙ୍ଗ ଫ୍ୟୁଚର୍ସ ରହିଛି ବୋଲି କଳିଙ୍ଗ ସାହିତ୍ୟ ମହୋତ୍ସବର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ରଶ୍ମୀ ରଞ୍ଜନ ପରିଡ଼ା, କଳିଙ୍ଗ ସାହିତ୍ୟ ମହୋତ୍ସବର ସିଇଓ ଅଶୋକ କୁମାର ବଳ ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଥିଲେ ।

## ଇନ୍‌ଫୋଭାଲି ଥାନାର ଚତୁର୍ଥ ବାର୍ଷିକ ଉତ୍ସବ




**ବଡ଼ରଘୁନାଥପୁର,୫।୧(ସମିସ):** ଭୁବନେଶ୍ୱର ଉପକଣ୍ଠ ଇନ୍‌ଫୋଭାଲି ଥାନାର ଚତୁର୍ଥ ବାର୍ଷିକ ଉତ୍ସବ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ଥାନା ଅଧୀନରେ ଥିବା ବିଭିନ୍ନ ଗ୍ରାମରୁ ବୟୋଜ୍ୟେଷ୍ଠ ଭଦ୍ର ଏବଂ ମୂରବୀ ଶ୍ରେଣୀର ଲୋକେ ଥାନା ପରିସରରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଇନ୍‌ଫୋଭାଲି ଥାନା ଭାରପ୍ରାପ୍ତ ଅଧିକାରୀ ଗୟାନନ୍ଦ ଶାହା ପୁଷ୍ପଗୁଚ୍ଛ ସହିତ ଉତ୍ତରୀୟ ଦେଇ କଳାକାରଙ୍କୁ ସମ୍ମାନିତ କରିଥିଲେ ।

## ଜ୍ଞାନେନ୍ଦ୍ର ସେଣ୍ଠଙ୍କ ପରଲୋକ



**ଭୁବନେଶ୍ୱର,୫।୧(ସମିସ):** ସାମ୍ବାଦିକ ଯତୀନ୍ଦ୍ର ସେଣ୍ଠ(୫୬)ଙ୍କ ବଡ଼ଭାଇ ଜ୍ଞାନେନ୍ଦ୍ର ସେଣ୍ଠଙ୍କ ପରଲୋକ ହୋଇଛି । ସୂଚନା ଅନୁସାରେ, ଗତ କିଛିଦିନ ହେଲା ସ୍ୱର୍ଗତ ଜ୍ଞାନେନ୍ଦ୍ର ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ । ଶନିବାର ସକାଳୁ ତାଙ୍କର ସ୍ୱାସ୍ଥ୍ୟ ବିଗିଡି ଯାଇଥିଲା । ତାଙ୍କୁ ସକାଳ ପ୍ରାୟ ସାଢେ ୯ଟା ବେଳେ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସିତ ହେଉଥିବା ବେଳେ ଦିନ ପ୍ରାୟ ୧୨ ଟା ବେଳେ ତାଙ୍କର ପରଲୋକ ଘଟିଥିଲା । ଶେଷରେ ତାଙ୍କ ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ସତ୍କାର କରାଯାଇଥିଲା । ତାଙ୍କର ଏକମାତ୍ର ପୁଅ ସୁରଜ ମୁଖାଗ୍ନି ଦେଇଥିବା ବେଳେ ମଝିଆ ଭାଇ ସୁଭେନ୍ଦ୍ର, ସାନ ଭାଇ ଯତୀନ୍ଦ୍ରଙ୍କ ସହ ଭଉଣୀ, ଭିଣୋଇ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ ।

## ୧୪ ରେ ୱାର୍ଲ୍ଡ ଓଡ଼ିଶା ସୋସାଇଟିର ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୫ ।୧(ସମିସ):** ୱାର୍ଲ୍ଡ ଓଡ଼ିଶା ସୋସାଇଟି (ୱାଓସୋ) ଚଳିତ ମାସ ୧୪ ତାରିଖ ଦିନ ନୂଆଦିଲ୍ଲୀ ଠାରେ ଏହାର ପଞ୍ଚମ ପ୍ରତିଷ୍ଠା ଦିବସ 'ଉତ୍କଳ ଉତ୍ସବ'ପାଳନ କରିବ । ନୂଆଦିଲ୍ଲୀର କସ୍ତୁରବା ଗାନ୍ଧୀ ମାର୍ଗ ସ୍ଥିତ ସିଭିଲ ସର୍ଭିସେସ ଅଫିସର୍ସ ଇନ୍‌ଷ୍ଟିଚ୍ୟୁଟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ସମାବେଶ ଅବସରରେ ହୃଦରୋଗ ବିଶେଷଜ୍ଞ, ତଥା ଭୁବନେଶ୍ୱର ଉତ୍କଳ ହସ୍ପିଟାଲର ଅଧ୍ୟକ୍ଷ ଡ. ଆଦିତ୍ୟ କୁମାର ସାମଲଙ୍କୁ 'ପ୍ରଥମ ବିଶ୍ୱ ଓଡ଼ିଆ ସମ୍ମାନ' ପ୍ରଦାନ କରାଯିବା ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ 'ପ୍ରଥମ ଉତ୍କଳ ମିତ୍ର ସମ୍ମାନ', ଦିଲ୍ଲୀ ହାଉଜଖାସ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ନୀଳାଚଳ ସେବା ସଂଘର ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ ଏବଂ ୱାଓସୋର ପ୍ରଧାନ ପ୍ରୋତ୍ସାହକ ପ୍ରିତିଶ ରଞ୍ଜନ ଦାଶଙ୍କୁ 'ଦ୍ୱିତୀୟ ପ୍ରବାସୀ ଓଡ଼ିଆ ସମ୍ମାନ' ସ୍ୱର୍ଗତଃ ପ୍ରଫେସର ଡ. ଦିଗମ୍ବର ମିଶ୍ରଙ୍କୁ 'ମରଣୋତ୍ତର ପ୍ରବାସୀ ଓଡିଆ ସମ୍ମାନ' ପ୍ରଦାନ କରାଯିବ । ଏହାସହ ବିଭିନ୍ନ ଅନୁଷ୍ଠାନକୁ 'ରତ୍ନଶ୍ରୀ ପୁରସ୍କାର ପ୍ରଦାନ କାରାଯିବ' । କାର୍ଯ୍ୟକ୍ରମରେ ସ୍ମରଣିକା 'ସ୍ୱର୍ଣ୍ଣିମା' ଉନ୍ମୋଚନ ହେବ' ବୋଲି ୱାଓସୋ ପକ୍ଷରୁ କୁହାଯାଇଛି ।

## ମକର ସଂକ୍ରାନ୍ତିରେ ବନ୍ଧୁତ୍ୱ ଦିବସ

**ଭୁବନେଶ୍ୱର,୫।୧(ସମିସ):** ମକର ସଂକ୍ରାନ୍ତି ଅବସରରେ ଜାନୁଆରୀ ୧୩ ଓ ୧୪ ଦୁଇଦିନ ଧରି ଏକାମ୍ର ହାଟଠାରେ ସମ୍ଭାବନା ପକ୍ଷରୁ ମକର ସଂକ୍ରାନ୍ତିରେ ବନ୍ଧୁତ୍ୱ ଦିବସ ଏବଂ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି । ପ୍ରତିଯୋଗିତାରେ ଅଂଶଗ୍ରହଣ ଆଗ୍ରହୀ ପଞ୍ଜିକରଣ କରିବା ପାଇଁ ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ, ସଂପାଦିକା ରେଖା ସାହୁ, ସଂଭାବନାର ଯୁଗ୍ମ ସଂପାଦିକା ମୀନାକ୍ଷୀ ପଟ୍ଟନାୟକ, କାର୍ଯ୍ୟକ୍ରମ ସଂପାଦିକା ରଶ୍ମିତା ରଥ ପ୍ରମୁଖ ସୂଚନା ଦେଇଛନ୍ତି ।

## ରାମେଶ୍ୱର ମନ୍ଦିରରେ ହିନ୍ଦୁ ସମ୍ମିଳନୀ




**ଭୁବନେଶ୍ୱର,୫।୧(ସମିସ):** ରାମେଶ୍ୱର ମନ୍ଦିର ପରିସରରେ ହିନ୍ଦୁ ସମାଜ ପକ୍ଷରୁ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହେଇଛି । ଏହାକୁ ଅଖିଳ ଭାରତୀୟ ସନ୍ଥ ସମିତିର ରାଷ୍ଟ୍ରୀୟ ସଂଗଠନ ମହସଚିବ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ ମହାରାଜ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଚାରପତି ଚିତ୍ତରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ ଆର୍‌ଏସ୍‌ଏସ୍ ସମ୍ପାଦକ ବିଦ୍ୟୁତ୍ ମୁଖାର୍ଜୀ, ଆର୍‌ଏସ୍‌ଏସ୍ ଓଡିଶା ପୂର୍ବପ୍ରାନ୍ତ ମହାବିଦ୍ୟାଳୟର ମନୋରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ ।

## ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଚକ୍ଷୁ ଚିକିତ୍ସା ଶିବିର

**ବାଲିପାଟଣା, ୫।୧(ସମିସ):** ଭାକରସାହିସ୍ଥିତ ପିଏମଶ୍ରୀ କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ପୂର୍ବାହ୍ନରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା । ଏଥିରେ ପୂର୍ବରୁ ପରୀକ୍ଷା କରାଯାଇଥିବା ୫୫୮ ପିଲାଙ୍କ ମଧ୍ୟରୁ ଚିହ୍ନଟ ହୋଇଥିବା ୧୪୭ ଜଣଙ୍କୁ ପୁନର୍ବାର ପରୀକ୍ଷା କରାଯାଇ ୬୭ ଜଣଙ୍କର ଚକ୍ଷୁ ପାଇଁ ଚଷମା ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷାଧିକାରୀ ଡ୍ ପ୍ରଭାତ କୁମାର ରଥ ଉଦଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କୁମୁଦିନୀ ଦେଇ, ଶିକ୍ଷକ ପ୍ରଦୀପ ପ୍ରଧାନ, ସାମ୍ବାଦିକ ଅରୁଣ କୁମାର୍ ଶତପଥୀ ଯୋଗ ଦେଇଥିଲେ । ଡ୍ ମମତାରାଣୀ ନାୟକ, ଡ୍ ଗୌତମ କୁମାର୍ ଦାସ ଚକ୍ଷୁ ପରୀକ୍ଷା କରିଥିଲେ । ତାଙ୍କୁ ସସ୍ମିତା ବେହେରା, ପ୍ରସନ୍ନ ପଟ୍ଟନାୟକ ଓ ଲୋକନାଥ ବେହେରା, ସାକମ୍ବରି ପଣ୍ଡା ଓ ଝୁନି ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



## ପିପିଏଲ୍ କଲୋନୀରେ ନବବର୍ଷ ଉତ୍ସବ

**ଭୁବନେଶ୍ୱର,୫ ।୧(ସମିସ):** ଖଣ୍ଡଗିରି ଛକସ୍ଥିତ ପିପିଏଲ୍ କଲୋନୀରେ ନବବର୍ଷ ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଲେଖିକା, ସ୍ତମ୍ଭକାର ଓ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର ଯୋଗ ଦେଇଥିଲେ । ପୀତବାସ ରାଉତରାୟଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ, କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ, ସମ୍ପାଦକ ସୁବାସ ଚନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ । ସଙ୍ଗୀତଗୁରୁ ରାଜକୁମାର ପ୍ରଧାନଙ୍କ ନିର୍ଦ୍ଦେଶନାରେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ସୁବାସ କୁମାର ସାହୁ, କିଶୋର ଚନ୍ଦ୍ର ନାୟକ ପରିଚାଳନା କରିଥିଲେ ।

## ବୈଷ୍ଣବ ସାମଲ ଓ ପ୍ରଫୁଲ୍ଲ ଷଡ଼ଙ୍ଗୀଙ୍କୁ ଗୁରୁ ପ୍ରଣାମ ସମ୍ମାନ

**ଭୁବନେଶ୍ୱର,୫।୧(ସମିସ):** ଦୀର୍ଘ ୨୪ ବର୍ଷ ଧରି ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ଗୁରୁ ପ୍ରଣାମ ସମ୍ମାନ ପ୍ରଦାନ କରାଯାଉଛି । ଚଳିତ ରଜତ ଜୟନ୍ତୀ ବର୍ଷରେ ଓଡ଼ିଆ ଭାଷା ସାହିତ୍ୟର ଅନନ୍ୟ ସଂରକ୍ଷକ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଓ ଦୀର୍ଘ ୫୦ ବର୍ଷ ଧରି ଓଡ଼ିଆ ଲୋକକଳା ପାଲାକୁ ସାଧାରଣ ଜନତାଙ୍କ ନିକଟରେ ଲୋକପ୍ରିୟ କରାଇଥିବା ଗାୟକ ସାମନ୍ତ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ । ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହେବାକୁ ଥିବା ଗୁରୁ ପ୍ରଣାମ ମହୋତ୍ସବ -୨୦୨୬ରେ ସମ୍ବର୍ଦ୍ଧିତ କରାଯିବ ବୋଲି ମିଶନର ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସୂଚନା ଦେଇଛନ୍ତି । ଏହି ଉତ୍ସବରେ ଓଡ଼ିଶାର ୪୫ଜଣ ସାଧୁ, ସନ୍ଥ, ବିଦ୍ୱାନ, ପଣ୍ଡିତ ଓ ରାଜନେତାଙ୍କୁ ସମ୍ବର୍ଦ୍ଧିତ କରାଯିବ । କାର୍ଯ୍ୟକ୍ରମରେ ରାମକୃଷ୍ଣ ଆଶ୍ରମର ଛାତ୍ରମାନେ ଘୁମୁରା, ସ୍ନିଗ୍ଧା ଏକେଡ଼େମୀର ଛାତ୍ରୀମାନେ ଓଡ଼ିଶୀ, ଖୋର୍ଦ୍ଧା ଅଞ୍ଚଳର ସଂକୀର୍ତ୍ତନ ଓ ବ୍ରହ୍ମଗିରିର ଗୋଟିପୁଅ ନୃତ୍ୟ ପରିବେଷଣ କରାଯିବ । ଏହି କାର୍ଯ୍ୟକ୍ରମକୁ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଉଦ୍‌ଘାଟନ କରିବେ ।



## ଗାଈ ଉପରେ ଚଢ଼ିଗଲା ବାଲି ବୋଝେଇ ଗାଡ଼ି



**ନନ୍ଦନକାନନ,୫।୧(ସମିସ):** ଉତ୍ତର ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଟାଙ୍ଗିବନ୍ତ ଗାଁ ମୁଖ୍ୟ ରାସ୍ତାରେ ରବିବାର ବିଳମ୍ବିତ ରାତିରେ ଏକ ବାଲି ବୋଝେଇ ହାଇୱା ଗାଡି ଧକ୍କାରେ ଏକ ଗାଈ ମୃତ୍ୟୁ ହେବା ସହ ଏକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଛି । ଗତ କିଛିଦିନ ତଳେ ମହାନ୍ତି ଘର ଠାରେ ଏକ ହାଇୱା ଜୋରରେ ଯାଉଥିବା ବେଳେ ଜଣକ ବିଦ୍ୟୁତ ସେବା ତାର ସମେତ ତାଙ୍କ ଛାତରେ ଲାଗିଥିବା ପାଇପକୁ ଭିଡି ରାସ୍ତାରେ ପକାଇ ଦେଇଥିଲା ।

## ଚିତ୍ରଶିଳ୍ପୀ ରାଧାଶ୍ୟାମଙ୍କ ପରଲୋକ



**ଭୁବନେଶ୍ୱର,୫।୧(ସମିସ):** ଚିତ୍ରଶିଳ୍ପୀ ତଥା ପୂର୍ବତନ ସରକାରୀ ଅଧିକାରୀ ରାଧାଶ୍ୟାମ ବିଷୋୟୀଙ୍କର ୮୫ବର୍ଷ ବୟସରେ ବଡଗଡ ଗ୍ରାମସ୍ଥିତ ବାସଭବନପରଲୋକ ହୋଇଛି । ସ୍ୱର୍ଗତ ବିଷୋୟୀ ଗତ କିଛିଦିନ ହେଲା ବାର୍ଦ୍ଧକ୍ୟ ଜନୀତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ତାଙ୍କ ପରଲୋକ ଖବର ପାଇବାପରେ ଲକ୍ଷ୍ମୀଧର ଶ୍ରୀଚନ୍ଦନ, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ହାଲି, ଯତୀନ୍ଦ୍ର ମୋହନ ଛୋଟରାୟ, ଭୀମସେନ ସାମନ୍ତରାୟ, ଅଜୟ ସିଂହ ପ୍ରମୁଖ ତାଙ୍କ ବାସଭବନକୁ ଯାଇ ମରଶରୀରରେ ପୁଷ୍ପଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ପୁଣି ଆନ୍ଦୋଳନକୁ ଓହ୍ଲାଇଲେ ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକ ଆଶାୟୀ

**ଭୁବନେଶ୍ୱର, ୫।୧ (ସମିସ):** ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକ ଆଶାୟୀ । ପରୀକ୍ଷା ସରିବାର ୭ ମାସ ପରେ ମଧ୍ୟ ମେଧା ତାଲିକା ପ୍ରକାଶ କରାଯାଉ ନ ଥିବାରୁ ଅସନ୍ତୋଷ ଝାଡ଼ିଛନ୍ତି । ଗତ ନଭେମ୍ବର ପ୍ରଥମ ସପ୍ତାହରେ ଦୁଇଦିନ ଧରି ଅହୋରାତ୍ର ଆନ୍ଦୋଳନ ପରେ ଅବିଳମ୍ବେ ମେଧା ତାଲିକା ପ୍ରକାଶ କରିବାକୁ ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା । ମାତ୍ର ପ୍ରାୟ ୨ ସପ୍ତାହ ପରେ ମଧ ମେଧା ତାଲିକା ପ୍ରକାଶ କରାଯାଇ ନ ଥିବାରୁ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇଥିବା ଆଶାୟୀମାନେ କ୍ଷୋଭର ସହ କହିଛନ୍ତି ।

ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକ ନିଯୁକ୍ତି ପାଇଁ ଗତ ମେ ୧୭ ତାରିଖରେ ପରୀକ୍ଷା ସରିଛି । ଏହାକୁ ପ୍ରାୟ ୭ ମାସ ଅତିକ୍ରାନ୍ତ ହୋଇଥିଲେ ମଧ ମେଧା ତାଲିକା ପ୍ରକାଶ ପାଇପାରୁନାହିଁ । ଓଏସ୍‌ଏସ୍‌ସିର ଏକାଧିକ ତ୍ରୁଟି ପାଇଁ ବହୁ ଆଶାୟୀ କୋର୍ଟଙ୍କ ଦ୍ୱାରସ୍ତ ହେଉଛନ୍ତି । ପରୀକ୍ଷାର୍ଥୀମାନେ ମାନସିକ ଯନ୍ତ୍ରଣା ପାଉଛନ୍ତି । ଓଏସ୍‌ଏସ୍‌ସିର ସମସ୍ତ ନିୟମ ଅନୁଯାୟୀ ପରୀକ୍ଷା ଦେଇଥିଲେ ମଧ ସେମାନଙ୍କୁ କାହିଁକି ନିଯୁକ୍ତି ଦିଆଯାଉନି ବୋଲି ଆଶାୟୀମାନେ ଆଜି ପ୍ରଶ୍ନ କରିଛନ୍ତି । ଆଶାୟୀଙ୍କ କହିବା କଥା ଅନ୍ୟ ଏଲ୍‌ଟିଆର୍ ପଦ ପାଇଁ କୋର୍ଟରେ ମାମଲା ହୋଇଥିଲେ ମଧ କେସ୍ ନମ୍ବର ପକାଇ ରେଜଲ୍ଟ ପ୍ରକାଶ କରାଯାଇଛି ଓ ସେମାନଙ୍କୁ ନିଯୁକ୍ତି ଦିଆ ସରିଛି । ତାହେଲେ ସଂସ୍କୃତ ଶିକ୍ଷକଙ୍କ ସହ ବୈମାତୃକ ମନୋଭାବ କାହିଁକି ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ମାମଲା ବିଚାରଧୀନ ଥିଲେ ମଧ୍ୟ ଅନ୍ୟ ବିଷୟରେ ନିଯୁକ୍ତି ପରି କେସ୍ ନମ୍ବର ପକାଇ ସେମାନଙ୍କୁ ମଧ୍ୟ ନିଯୁକ୍ତି ଦେବାକୁ ଆନ୍ଦୋଳନରତ ଆଶାୟୀମାନେ ଦାବି କରିଛନ୍ତି ।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୦.୦୦ ● ପାଉଣ୍ଡ ୧୨୧.୦୦
- ୟୁରୋ ୧୦୫.୫୨ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୨୬,୭୦୦ (ନୂଆଦିଲ୍ଲୀ)
- ରୁପା : ୨,୫୬,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୫,୪୩୯.୦୦
- ନିଫ୍ଟି ୨୬,୨୫୦.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ଇପିଏଫ୍‌ଓରେ ୧୫ ହଜାର ବେତନ ସୀମା ବୃଦ୍ଧି ଉପରେ ବିଚାର କର

ନୂଆଦିଲ୍ଲୀ,୫।୧(ଏଜେନ୍ସି):




କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ର ବେତନ ସୀମା ବୃଦ୍ଧି କରିବା ବିଷୟରେ ବିଚାର କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଯେହେତୁ ଏହି ସୀମା ଗତ ୧୧ ବର୍ଷ ଧରି ଅପରିବର୍ତ୍ତିତ ରହିଛି ଏହାକୁ ନେଇ ସର୍ବୋଚ୍ଚ ଅଦାଲତ କ୍ଷୋଭ ପ୍ରକାଶ କରିଛନ୍ତି। ତେଣୁ ସରକାର ଆଗାମୀ ୪ ମାସ ମଧ୍ୟରେ ଏ ସମ୍ପର୍କରେ ନିଷ୍ପତ୍ତି ନେବାକୁ କୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ, ୧୫,୦୦୦ ଟଙ୍କାରୁ ଅଧିକ ମାସିକ ଦରମା ପାଉଥିବା କର୍ମଚାରୀମାନଙ୍କୁ ଏହି ସାମାଜିକ ସୁରକ୍ଷା ଯୋଜନାର ବାଧ୍ୟତାମୂଳକ କଭରେଜରୁ ବାଦ ଦିଆଯାଇଛି। ଆଇନଜୀବୀ ନବୀନ ପ୍ରକାଶ ନୌଟିୟାଲଙ୍କ ଦ୍ୱାରା ଦାୟର ଏକ ଆବେଦନ ଉପରେ ଜଷ୍ଟିସ୍ ଜେକେ ମାହେଶ୍ୱରୀ ଏବଂ ଜଷ୍ଟିସ୍ଏଏସ ଚାନ୍ଦୁରକରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଆବେଦନକାରୀଙ୍କୁ ଦୁଇ ସପ୍ତାହ ମଧ୍ୟରେ କେନ୍ଦ୍ର ସରକାରଙ୍କୁ ଏ ସମ୍ପର୍କିତ କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଉପରେ ସରକାରଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଷ୍ପତ୍ତି ନେବାକୁ ପଡିବ।

- ୪ ମାସ ମଧ୍ୟରେ ନିଷ୍ପତ୍ତି ନିଅ
- ୧୧ ବର୍ଷ ମଧ୍ୟରେ ବେତନ ସୀମାରେ କୌଣସି ପରିବର୍ତ୍ତନ ହୋଇନାହିଁ
- ୨୦୨୨ ଜୁଲାଇରେ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ପ୍ରସ୍ତାବକୁ ଅନୁମୋଦନ ଦେଇଥିଲା

ଆବେଦନକାରୀଙ୍କ ଆଇନଜୀବୀ ପ୍ରଣବ ସଚ୍ଚଦେବ ଏବଂ ନେହା ରାଠି ଯୁକ୍ତି ଦର୍ଶାଇଥିଲେ ଯେ ଇପିଏଫ୍‌ଓ ବେତନ ସୀମା ଶେଷ ଥର ପାଇଁ ୨୦୧୪ ରେ ସଂଶୋଧିତ ହୋଇଥିଲା, ଏହାକୁ ୬୫୦୦ ଟଙ୍କା ରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଗତ ଦଶନ୍ଧି ଧରି ମୁଦ୍ରାସ୍ଫୀତି ଏବଂ ସର୍ବନିମ୍ନ ମଜୁରୀ ଯଥେଷ୍ଟ ବୃଦ୍ଧି ପାଇଛି, କିନ୍ତୁ ଇପିଏଫ୍‌ଓ ର ବେତନ ସୀମା ଅପରିବର୍ତ୍ତିତ ରହିଛି। ଫଳସ୍ୱରୂପ, ଲକ୍ଷ ଲକ୍ଷ କର୍ମଚାରୀ ଏହି ସାମାଜିକ ସୁରକ୍ଷା ଲାଭରୁ ବଞ୍ଚିତ ହୋଇଛନ୍ତି। ଆବେଦନରେ ଉଲ୍ଲେଖ କରାଯାଇଛି ଯେ କେନ୍ଦ୍ର ସରକାର ଏବଂ ଅନେକ ରାଜ୍ୟ ଦ୍ୱାରା ସ୍ଥିର କରାଯାଇଥିବା ସର୍ବନିମ୍ନ ମଜୁରୀ ବର୍ତ୍ତମାନ ୧୫,୦୦୦ ଟଙ୍କା ସୀମା ଅତିକ୍ରମ କରିଛି। ଏପରି ପରିସ୍ଥିତିରେ, ସର୍ବନିମ୍ନ ମଜୁରୀ ପାଉଥିବା କର୍ମଚାରୀମାନଙ୍କୁ ମଧ୍ୟ ଇପିଏଫ୍‌ଓ ର ପରିସରରୁ ବାଦ ଦିଆଯାଉଛି। ଆଇନଦଜୀବୀ ସଚ୍ଚଦେବ କହିଛନ୍ତି ଯେ ଏହା ଏକ କଲ୍ୟାଣକାରୀ ଯୋଜନା, କିନ୍ତୁ ଏହାର ପୁରୁଣା ସୀମା ଯୋଗୁଁ ଅଧିକାଂଶ କର୍ମଚାରୀ ଏହାର ଲାଭ ପାଇପାରୁ ନାହାଁନ୍ତି। ରିପୋର୍ଟ ଅନୁସାରେ, ଇପିଏଫ୍‌ଓ ର ନିଜସ୍ୱ ଉପ-ସମିତି ୨୦୨୨ ରେ ସୁପାରିଶ କରିଥିଲା ଯେ କଭରେଜକୁ ବିସ୍ତାର କରିବା ପାଇଁ ଦରମା ସୀମା ବୃଦ୍ଧି କରାଯିବା ଉଚିତ। ୨୦୨୨ ଜୁଲାଇରେ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ମଧ୍ୟ ଏହି ପ୍ରସ୍ତାବକୁ ଅନୁମୋଦନ କରିଥିଲା। ଆବେଦନରେ ଅଭିଯୋଗ କରାଯାଇଥିଲା ଯେ ବୋର୍ଡର ଅନୁମୋଦନ ସତ୍ତ୍ୱେ, କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ଏହି ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହାଁନ୍ତି। ଯଦି କେନ୍ଦ୍ର ସରକାର ଦରମା ସୀମା ୧୫,୦୦୦ ରୁ ୨୧,୦୦୦ ଟଙ୍କା କିମ୍ବା ତଦୁର୍ଦ୍ଧ୍ୱକୁ ବୃଦ୍ଧି କରନ୍ତି, ତେବେ ସଂଗଠିତ କ୍ଷେତ୍ରରେ ଲକ୍ଷ ଲକ୍ଷ ନୂତନ କର୍ମଚାରୀ ଇପିଏଫ୍‌ଓ ପରିସରକୁ ଆସିବେ। ଏହା ସେମାନଙ୍କର ଅବସର ସଞ୍ଚୟ ବୃଦ୍ଧି କରିବ ଏବଂ ସେମାନେ ପେନସନ ଏବଂ ବୀମା (ଇଡିଏଲ୍‌ଆଇ) ଲାଭ ମଧ୍ୟ ପାଇପାରିବେ। ତଥାପି, ଏହା କମ୍ପାନୀଗୁଡ଼ିକ ଏବଂ ସରକାରଙ୍କ ଉପରେ ଆର୍ଥିକ ବୋଝ ମଧ୍ୟ ବୃଦ୍ଧି କରିବ, କାରଣ ସେମାନଙ୍କୁ ଇପିଏଫ୍ ରେ ମଧ୍ୟ ଯୋଗଦାନ ଦେବାକୁ ପଡିବ।

### କରଜରେ ବୁଡ଼ିଛି ଆମେରିକା

# ପ୍ରତି ପରିବାର ଉପରେ ୩ ଲକ୍ଷ ଡଲାର ଋଣ

ନ୍ୟୁୟର୍କ,୫।୧(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ଦେଶକୁ ପୁଣି ଥରେ ମହାନ କରିବାକୁ ସଂକଳ୍ପବଦ୍ଧ। ଏଥିପାଇଁ, ସେ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳରେ ଦ୍ରୁତ ନିଷ୍ପତ୍ତି ନେଉଛନ୍ତି। ସେ ଅନେକ ଦେଶ ଉପରେ ଉଚ୍ଚ ବାଣିଜ୍ୟ ଶୁଳ୍କ ଲାଗୁ କରୁଛନ୍ତି, କମ୍ପାନୀଗୁଡ଼ିକରୁ ପୁନରୁଦ୍ଧାର କରୁଛନ୍ତି ଏବଂ ବର୍ତ୍ତମାନ ତାଙ୍କର ଦୃଷ୍ଟି ଅନ୍ୟ ଦେଶର ସମ୍ବଳ ଉପରେ ରହିଛି।

ହେଲେ ଟ୍ରମ୍ପ୍‌ଙ୍କ ଅନେକ ପ୍ରୟାସ ସତ୍ତ୍ୱେ, ଦେଶର ଋଣ ବୃଦ୍ଧି ପାଇବାରେ ଲାଗିଛି। ଆମେରିକାର ସଂଘୀୟ ସରକାରଙ୍କ ଋଣ ୩୮.୫ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ଗତ ବର୍ଷ, ଏହା ୨.୩ ଟ୍ରିଲିୟନ ଡଲାର ବୃଦ୍ଧି ପାଇଛି। ଏହାର ଅର୍ଥ ହେଉଛି ଦେଶର ଋଣ ପ୍ରତିଦିନ ୬.୩ ବିଲିୟନ ଡଲାର ବୃଦ୍ଧି ପାଉଛି। ପରିସ୍ଥିତି ଏପରି ସ୍ତରରେ ପହଞ୍ଚିଛି ଯେ ଦେଶର ପ୍ରତ୍ୟେକ ପରିବାର ଉପରେ ବର୍ତ୍ତମାନ ୨୮୫,୭୩୩ ଡଲାର ଋଣ। ଯଦି ଏହି ହାରରେ ଋଣ ବୃଦ୍ଧି ପାଇବା ଜାରି ରୁହେ, ତେବେ ଅଗଷ୍ଟ ସୁଦ୍ଧା ଏହା ୪୦ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ୨୦୨୦ ପରଠାରୁ, ଦେଶର ଋଣ ୧୫.୩ ଟ୍ରିଲିୟନ ଡଲାର ବୃଦ୍ଧି ପାଇଛି, ଅର୍ଥାତ୍ ଏହା ପ୍ରତିବର୍ଷ ୨.୬ ଟ୍ରିଲିୟନ ଡଲାର ବୃଦ୍ଧି ପାଇଛି। ଦେଶର ଋଣ କମାଇବା ପାଇଁ, ଟ୍ରମ୍ପ ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶ ଉପରେ ଭାରୀ ଶୁଳ୍କ ଲଗାଇଛନ୍ତି। ସେ ଆପଲ, ଏନଭିଡିଆ ଏବଂ ମାଇକ୍ରୋନ ସମେତ ଅନେକ କମ୍ପାନୀକୁ ଆମେରିକାରେ ନିବେଶ କରିବାକୁ ବାଧ୍ୟ କରିଥିଲେ। ଏହା ବ୍ୟତୀତ, ସେ ଚିପ୍ ନିର୍ମାତା ଏନ୍‌ଭିଡିଆ ଏବଂ ଏଏମଡିକୁ ଚୀନକୁ ରପ୍ତାନି କରିବାକୁ ସେମାନଙ୍କ ଆୟର ୧୫% ଅଂଶ ମାଗିଥିଲେ। ସେ ଦେଶରେ ଅଶୋଧିତ ତୈଳ ଉତ୍ପାଦନ ବୃଦ୍ଧି କରିବା ପାଇଁ 'ଡ୍ରିଲ୍, ବେବି, ଡ୍ରିଲ୍' ଭଳି ସ୍ଲୋଗାନ ମଧ୍ୟ ଦେଇଥିଲେ। ଅପରପକ୍ଷେ ଟ୍ରମ୍ପ୍‌ଙ୍କ ଅନେକ ପ୍ରୟାସ ସତ୍ତ୍ୱେ, ଦେଶର ଋଣ ବଢ଼ିବାରେ ଲାଗିଛି।.

# ଭାରତ ବିଶ୍ୱର ବୃହତ ଧାନ ଉତ୍ପାଦନକାରୀ



ନୂଆଦିଲ୍ଲୀ,୫।୧(ଏଜେନ୍ସି): ଧାନ ଉତ୍ପାଦନରେ ଭାରତ ବିଶ୍ୱରେ ଏକ ନମ୍ବର। ୧୫୦.୧୮ ନିୟୁତ ଟନ୍ ଧାନ ଉତ୍ପାଦନ ସହ ଚୀନକୁ ପଛରେ ପକାଇ ବିଶ୍ୱର ସର୍ବବୃହତ ଧାନ ଉତ୍ପାଦନକାରୀ ଦେଶ ପାଲଟିଛି ଭାରତ। ଏ ନେଇ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ ସୂଚନା ଦେଇଛନ୍ତି। ସେ ୨୫ଟି ଫସଲର ୧୮୪ଟି ନୂଆ କିସମ ପ୍ରକାଶ କରିଛନ୍ତି।

ଶ୍ରୀ ଚୌହାନ କହିଛନ୍ତି ଯେ ଏହି ନୂଆ ଉଚ୍ଚ ଅମଳକାରୀ ବିହନ କିସମଗୁଡିକ ଉସଲ ଉତ୍ପାଦନ ବୃଦ୍ଧି କରିବ ଓ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବ। ଏହି ନୂତନ କିସମଗୁଡିକ ଖୁବ୍‌ଶୀଘ୍ର ଚାଷୀଙ୍କ ନିକଟରେ ପହଞ୍ଚାଇବାକୁ ମନ୍ତ୍ରଣାଳୟର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ। ଦିଲ୍ଲୀରେ ଅନୁଷ୍ଠିତତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର କୃଷି ମନ୍ତ୍ରୀ ଭାରତୀୟ କୃଷି ଗବେଷଣା ପରିଷଦ ଦ୍ୱାରା ବିକଶିତ ୨୫ଟି କ୍ଷେତ ଫସଲର ୧୮୪ଟି ଉନ୍ନତ କିସମ ଉନ୍ମୋଚନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ବୋଧିତ କରି ଚୌହାନ କହିଛନ୍ତି ଯେ ଦେଶ ଉଚ୍ଚ ଅମଳକାରୀ ବିହନ ବିକାଶରେ ବଡ ସଫଳତା ହାସଲ କରିଛି। ଯେବେଠାରୁ ୧୯୬୯ରେ ଗେଜେଟ ବିଜ୍ଞପ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି ସେବେଠାରୁ ମୋଟ ୭,୨୦୫ ଫସଲ କିସମ ସମ୍ପର୍କରେ ବିଜ୍ଞପ୍ତି ଜାରି କରାଯାଇଛି, ଯେଉଁଥିରେ ଚାଉଳ, ଗହମ, ଯଅ, ମକା, ଡାଲି, ତୈଳବୀଜ, ଫାଇବର କ୍ରପ ରହିଛି। ଭାରତ ଏବେ ଖାଦ୍ୟ ଅଭାବୀ ଦେଶରୁ ଖାଦ୍ୟ ଯୋଗକାରୀ ଦେଶ ପାଲଟିଛି। ଭାରତ ଏବେ ବିଦେଶକୁ ଧାନ ରପ୍ତାନି କରୁଛି।

# ଭାରତ ସମେତ ବିଶ୍ୱ ପାଇଁ ସତର୍କ ଘଣ୍ଟି

ନୂଆଦିଲ୍ଲୀ,୫।୧ (ଏଜେନ୍ସି): ରୁପା ରପ୍ତାନିକୁ କଡ଼ାକଡ଼ି କରିଛି ଚୀନ୍। ଡ୍ରାଗନ୍ର ନୂଆ ନିୟମାନୁଯାୟୀ, ୨୦୨୬ ଏବଂ ୨୦୨୭ ରେ କେବଳ ଦେଶର କିଛି ନିର୍ଦ୍ଦିଷ୍ଟ କମ୍ପାନୀ ବିଦେଶକୁ ରୁପା ରପ୍ତାନି କରିପାରିବେ। ଏହାର ସିଧାସଳଖ ଭାରତର ସୌର ଶକ୍ତି, ବୈଦ୍ୟୁତିକ ଯାନବାହନ(ଇଭି) ଏବଂ ଇଲେକ୍ଟ୍ରୋନିକ୍ସ ଶିଳ୍ପ ଉପରେପ ଡିବ। ଏଥିଯୋଗୁ ଘରୋଇ ବଜାରରେ ରୁପା ମୂଲ୍ୟ ବୃଦ୍ଧି ପାଇବ, ଯାହା ମୁଦ୍ରାସ୍ଫୀତି ଚାପ ବୃଦ୍ଧି କରିବ।

### ରୁପା ରପ୍ତାନି ଉପରେ ଚୀନ୍‌ର କଟକଣା

ଚୀନ୍ ରୁପା ରପ୍ତାନି ଉପରେ ତା'ର କଟକଣାକୁ ଆହୁରି କଡ଼ାକଡ଼ି କରିଛି। ଏହି ପଦକ୍ଷେପ ଏପରି ସମୟରେ ଆସିଛି ଯେତେବେଳେ ଚୀନ୍ ତାର ଖଣିଜ ସମ୍ପଦ ଉପରେ ପ୍ରାଧାନ୍ୟ ବୃଦ୍ଧି କରୁଛି। ବିଶ୍ୱବ୍ୟାପୀ ବଢୁଥିବା ଭୂ-ରାଜନୈତିକ ଏବଂ ବାଣିଜ୍ୟ ଉତ୍ତେଜନା ମଧ୍ୟରେ ଚୀନ୍ ଏଭଳି ରଣନୀତି ଗ୍ରହଣ କରିଛି। ଚୀନ୍‌ର ବାଣିଜ୍ୟ ମନ୍ତ୍ରଣାଳୟ ସମ୍ପ୍ରତି ଘୋଷଣା କରିଛି ଯେ ଏହି ଦୁଇ ବର୍ଷରେ କେବଳ ୪୪ ଟି କମ୍ପାନୀ ରୁପା ରପ୍ତାନି କରିପାରିବେ। ଏହା ୨୦୨୫ ତୁଳନାରେ ଅଧିକ। ତଥାପି, କଡ଼ା ରପ୍ତାନି ନିୟମ ଜାରି ରହିବ। ଟଙ୍ଗଷ୍ଟନ୍ ଏବଂ ଆଣ୍ଟିମୋନି ଭଳି ଧାତୁ ପାଇଁ ସମାନ କଟକଣା ପ୍ରଯୁଜ୍ୟ, ଯାହାକୁ ଚୀନ୍ ତାର ଘରୋଇ ଶିଳ୍ପ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରେ। ଏହିପରି ନିୟନ୍ତ୍ରଣ ଚୀନର ଅସ୍ତ୍ର ଭାବରେ ବ୍ୟବହାର କରିବାର ଇଚ୍ଛାକୁ ପ୍ରଦର୍ଶନ କରୁଛି। ଏହା ଭାରତ ସମେତ ବିଶ୍ୱ ପାଇଁ ବିପଦର ଏକ ସତର୍କ ଘଣ୍ଟି। ଚୀନ୍‌ର କେବଳ ୧୫ ଟି କମ୍ପାନୀ ଟଙ୍ଗଷ୍ଟନ ଏବଂ ୧୧ ଟି ଆଣ୍ଟିମୋନି ରପ୍ତାନି କରିବାକୁ ଅନୁମତିପ୍ରାପ୍ତ। ଏହି ସଂଖ୍ୟା ଗତ ବର୍ଷ ପରି ରହିଛି। ଜାତୀୟ ସୁରକ୍ଷା ଚିନ୍ତାକୁ ଉଦ୍ଧୃତ କରି, ଚୀନ୍ ଏବେ ଏହି ଖଣିଜ ପଦାର୍ଥର ରପ୍ତାନିକୁ ନିୟନ୍ତ୍ରଣ କରୁଛି।

### ଭାରତ ଉପରେ ପ୍ରଭାବ

ରୁପା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ରପ୍ତାନି ଉପରେ ଚୀନର କଠୋର କଟକଣା ଭାରତ ଉପରେ ସିଧାସଳଖ ଏବଂ ଗମ୍ଭୀର ପ୍ରଭାବ ପକାଇବ। ଭାରତ ଏହାର ସୌରଶକ୍ତି, ବୈଦ୍ୟୁତିକ ଯାନ (ଇଭି) ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ପାଇଁ ଚୀନରୁ ଏହି କଞ୍ଚାମାଲର ଏକ ଗୁରୁତ୍ୱପୂର୍ଣ୍ଣ ପରିମାଣ ଆମଦାନୀ କରିଥାଏ। ବିଶ୍ୱରେ ରୁପା ଅଭାବ ଏବଂ ଉଚ୍ଚ ମୂଲ୍ୟ ଘରୋଇ ବଜାରରେ ଅଳଙ୍କାର ଏବଂ ଶିଳ୍ପ ଉତ୍ପାଦର ମୂଲ୍ୟ ବୃଦ୍ଧି କରିବ, ଯାହା ମୁଦ୍ରାସ୍ଫୀତି ଚାପକୁ ବୃଦ୍ଧି କରିବ। ଏହାବ୍ୟତୀତ, ଏହି ପଦକ୍ଷେପ ଭାରତର "ଆତ୍ମନିର୍ଭର ଭାରତ" ଏବଂ ୨୦୩୦ "ସବୁଜ ଶକ୍ତି" ଲକ୍ଷ୍ୟ ଆଡ଼କୁ ଅଗ୍ରଗତିକୁ ମନ୍ଥର କରିପାରେ। ଏହାର ସମାଧାନ ପାଇଁ, ଭାରତକୁ ଯଥାଶୀଘ୍ର ରୁଷ ଏବଂ ଅଷ୍ଟ୍ରେଲିଆ ଭଳି ଦେଶ ସହିତ ଏହାର ଯୋଗାଣ ଶୃଙ୍ଖଳାକୁ ବିବିଧ କରିବାକୁ ପଡିବ।

### ଭେନେଜୁଏଲାରେ ଆମେରିକାର ଏଣ୍ଟ୍ରି; ଭାରତ ପାଇଁ ଲାଭଦାୟକ

# ଅସୁଲ ହୋଇପାରେ ୧ ବିଲିଅନ ଡଲାରର ବକେୟା



ନୂଆଦିଲ୍ଲୀ,୫।୧(ଏଜେନ୍ସି): ଭେନେଜୁଏଲାରେ ଆମେରିକା ଯାହା କଲା ତାହାକୁ ନେଇ ସାରା ବିଶ୍ୱ ଚକିତ। ଟ୍ରମ୍ପ୍ ଭେନେଜୁଏଲାର ବୃହତ୍ ତୈଳ ଭଣ୍ଡାର ଲୋଭରେ ଏମିତି କରୁଥିବା, ଏକଥା ବି କାହାକୁ ଅଛପା ନାହିଁ। ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଉଠାଇ ନେବା ପରେ ଟ୍ରମ୍ପ କହିଛନ୍ତି ଆମେରିକା ଭେନେଜୁଏଲା ଚଲାଇବ। ଏହାର ତୈଳ ବିଭାଗରେ ଆମେରିକା କମ୍ପାନୀ ହସ୍ତକ୍ଷେପ କରିବେ, ଏହାର ପୁନର୍ଗଠନ କରିବେ ଓ ତୌଳ ଉତ୍ତୋଳନ କରିବେ। ଯଦିଓ ଆମେରିକାର ଏଭଳି ପଦକ୍ଷେପ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ କରିଛି, ତେବେ ତୈଳ ଭଣ୍ଡାର କ୍ଷେତ୍ରରେ ଆମେରିକାର ହସ୍ତକ୍ଷେପ ଭାରତକୁ ଲାଭ ଦେଇପାରେ।

ଭାରତ ଦୀର୍ଘଦିନ ଧରି ଭେନେଜୁଏଲା ଉପରେ ପଡ଼ିରହିଥିବା ଏହାର ୧ ବିଲିଅନ ଡଲାର ପେମେଣ୍ଟ ଫେରିପାଇବାର ସମ୍ଭାବନା ରହିଛି। କେବଳ ସେତିକି ନୁହେଁ, ଭାରତୀୟ କମ୍ପାନୀମାନେ ମଧ୍ୟ ଭେନେଜୁଏଲାରେ ପୁଣିଥରେ ତୈଳ ଉତ୍ତୋଳନ କରିପାରିବେ। ଭେନେଜୁଏଲା ଠାରୁ ବହୁ ମାତ୍ରାରେ ଅଶୋଧିତ ତୈଳ ଆମଦାନୀ କରୁଥିବା ଦେଶମାନଙ୍କ ମଧ୍ୟରୁ ଏକଦା ଭାରତ ଆଗଧାଡ଼ିରେ ରହୁଥିଲା। ତୈଳ ଆମଦାନୀ ଶିଖରରେ ଥିବା ବେଳେ ପ୍ରତିଦିନ ୪,୦୦,୦୦୦ ବ୍ୟାରେଲରୁ ଅଧିକ ଆମଦାନୀ କରୁଥିଲା। ତେବେ ଆମେରିକାର ବ୍ୟାପକ କଟକଣା ଲଗାଇବା ପରେ ଏସବୁ ବାଧାପ୍ରାପ୍ତ ହୋଇଥିଲା। ୨୦୨୦ଠାରୁ ଭାରତ ଭେନେଜୁଏଲାଠାରୁ ତୈଳ ଆମଦାନୀ ବନ୍ଦ କରିଦେଇଥିଲା।

# କଟକରେ ଖୋଲିଲା ହୀରାଙ୍ଗ ଅଳଙ୍କାରର ପ୍ରଥମ ଶୋ'ରୁମ୍



କଟକ,୫।୧(ସମିସ): ହିରାଙ୍ଗ ଏଲିଗାଣ୍ଟସ ପ୍ରାଇଭେଟ୍ ଲିମିଟେଡ ଲ୍ୟାବ ଦ୍ୱାରା ପ୍ରସ୍ତୁତ ହୀରା ଅଳଙ୍କାର ତାର ପ୍ରଥମ ସୋ'ରୁମ 'ହୀରାଙ୍ଗ' କଟକର ନୟାସଡକ ଛକସ୍ଥିତ ବିସନଦୟାଲ କ୍ୟାମ୍ପସ ରେ ଉଦ୍‌ଘାଟିତ ହୋଇଯାଇଛି। ଓଲଇଉଡ୍ ଅଭିନେତ୍ରୀ ଶିବାନୀ ସଙ୍ଗୀତା ଓ ପ୍ରଖ୍ୟାତ ଲେଖକ ରାମଚନ୍ଦ୍ର ବେହେରା ମିଳିତ ଭାବେ ଏହାକୁ ଉଦଘାଟନ କରିଥିଲେ। ୧୪ ଓ ୧୮ କ୍ୟାରେଟ ସୁନାରେ ଲାବ୍ରୋଟୋରୀରେ ବିକଶିତ ହୀରା ନିର୍ମିତ ଗୋଲାପୀ, ହଳଦିଆ ଓ ଧଳା ରଙ୍ଗରେ ବିଭିନ୍ନ ଡିଜାଇନ୍ ଅଳଙ୍କାର ଯୁବପିଢୀଙ୍କର ବେଶ୍ ପସନ୍ଦଯୋଗ୍ୟ ବୋଲି ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ପ୍ରଭୁ ଆଶୀର୍ବାଦ ନାୟକ କହିଛନ୍ତି। ପ୍ରତ୍ୟେକ ବ୍ୟକ୍ତି ଜୀବନରେ ଥରେ ହୀରା ଅଳଙ୍କାର ପିନ୍ଧୁ ଏହି ଲକ୍ଷ୍ୟ ନେଇ ଆମେ କ୍ରୟ ଦାମ୍ ଉପରେ ୨୦% ରିଆଡି ପ୍ରଦାନ କରୁଛୁ ବୋଲି ଶ୍ରୀ ନାୟକ କହିଛନ୍ତି। ଲ୍ୟାବରେ ଉତ୍ପାଦିତ ହୀରାକୁ ନିଖୁଣ କାରିଗରୀ ଶୈଳୀରେ ତିଆରି କରାଯାଇ ଗହଣା ପ୍ରସ୍ତୁତି ହୋଇଥିବାରୁ ଏହାକୁ ପରିଧାନ କରିଥିବା ବ୍ୟକ୍ତିର ସୌନ୍ଦର୍ଯ୍ୟରେ ରାଜକୀୟ ଠାଣି ଅନୁଭବ ହୋଇଥାଏ ବୋଲି ସେ କହିଛନ୍ତି।

# ତେଲ ଖେଳରେ ଫସିଲା ଭାରତ

ନୂଆଦିଲ୍ଲୀ,୫।୧(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରୁଷରୁ ଅଶୋଧିତ ତୈଳ କିଣିବାକୁ ନେଇ ଭାରତକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଯଦି ଭାରତ ରୁଷରୁ ତେଲ କିଣିବା ବନ୍ଦ ନ କରେ, ତେବେ ଆମେରିକା ଭାରତ ଉପରେ ଆହୁରି ଶୁଳ୍କ ଲାଗୁ କରିବ। ଏହି ଚେତାବନୀ ଏପରି ସମୟରେ ଆସିଛି ଯେତେବେଳେ କି ଆମେରିକାକୁ ଭାରତର ରପ୍ତାନି ଉପରେ ପୂର୍ବରୁ ଭାରୀ ଶୁଳ୍କ ଲାଗୁ ହୋଇଛି।

**ଆମେରିକାରୁ ତୈଳ ଆମଦାନୀ ୯୨% ବଢ଼ିଛି**




ବର୍ତ୍ତମାନ, ଭାରତରୁ ଆମେରିକାକୁ ଯାଉଥିବା ସାମଗ୍ରୀ ଉପରେ ୫୦% ଶୁଳ୍କ ଲାଗୁ ହୋଇଛି। ଏହାର ଅଧା, ଅର୍ଥାତ୍ ୨୫% ଭାରତ ରୁଷରୁ ଅଶୋଧିତ ତୈଳ କ୍ରୟ ସହିତ ଜଡିତ। ଟ୍ରମ୍ପ୍ ରଷ ଏବଂ ଆମେରିକାରୁ ଭାରତର ଅଶୋଧିତ ତୈଳ ଆମଦାନୀ ଉପରେ ତଥ୍ୟ ଦର୍ଶାଉଛି ଯେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୮ ମାସରେ (ଏପ୍ରିଲରୁ ନଭେମ୍ବର ୨୦୨୫) ଆମେରିକାରୁ ଭାରତର ଅଶୋଧିତ ତୈଳ ଆମଦାନୀ ୯୨% ରୁ ଅଧିକ ବୃଦ୍ଧି ପାଇଛି।

ଏହି ସମୟରେ, ରୁଷ ଏପ୍ରିଲରୁ ନଭେମ୍ବର ୨୦୨୫ ମଧ୍ୟରେ ଭାରତର ସବୁଠାରୁ ବଡ଼ ଅଶୋଧିତ ତୈଳ ଯୋଗାଣକାରୀ ହୋଇ ରହିଥିଲା। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ଭାରତ ଏହି ସମୟ ମଧ୍ୟରେ ମୋଟ ୧୭୮.୧ ନିୟୁତ ଟନ୍ ଅଶୋଧିତ ତୈଳ ଆମଦାନୀ କରିଥିଲା। ଏଥିମଧ୍ୟରୁ ପ୍ରାୟ ୬୦ ନିୟୁତ ଟନ୍ ରୁଷରୁ ଏବଂ ପ୍ରାୟ ୧୩ ନିୟୁତ ଟନ୍ ଆମେରିକାରୁ କିଣାଯାଇଥିଲା। ଗତ ବର୍ଷ ସମାନ ସମୟ ମଧ୍ୟରେ ମୋଟ ଅଶୋଧିତ ତୈଳ ଆମଦାନୀ ୧୬୫ ନିୟୁତ ଟନ୍ ଥିଲା। ଏଥିମଧ୍ୟରୁ ୬୨.୪ ନିୟୁତ ଟନ୍ ରୁଷରୁ ଆସିଥିଲା ଏବଂ କେବଳ ୭.୧ ନିୟୁତ ଟନ୍ ଆମେରିକାରୁ ଆସିଥିଲା। ଏହିପରି, ଭାରତର ମୋଟ ଅଶୋଧିତ ତୈଳ ଆମଦାନୀରେ ଆମେରିକାର ଅଂଶ ଗତ ବର୍ଷ ୪୩.% ରୁ ବୃଦ୍ଧି ପାଇ ଚଳିତ ଆର୍ଥିକ ବର୍ଷରେ ୭.୬% ହୋଇଛି। ଅନ୍ୟପକ୍ଷରେ, ରୁଷର ଅଂଶ ୩୭.୯% ରୁ ହ୍ରାସ ପାଇ ୩୩.୭% ହୋଇଛି।

# ପୁଣି ଟ୍ରମ୍ପ୍‌ଙ୍କ ଧମକ; ରୁଷରୁ ତେଲ କିଣା ବନ୍ଦ କର

ୱାଶିଂଟନ୍,୫।୧(ଏଜେନ୍ସି)



ପୁଣି ଥରେ ଭାରତକୁ ଶୁଳ୍କ ଧମକ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ଭାରତ ରୁଷଠାରୁ ତେଲ କିଣିବା ବନ୍ଦ କରୁ, ନଚେତ୍ ଏହା ଉପରେ ଅଧିକ ଟାରିଫ୍ ଲଗାଇବାକୁ ଟ୍ରମ୍ପ୍ ଚେତାଇଛନ୍ତି। ଏମିତିକି ଭାରତକୁ ରୁଷଠାରୁ ତେଲ କିଣିବା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପଡିବ। ମସ୍କୋରୁ ତେଲ ଆମଦାନୀ ପ୍ରସଙ୍ଗରେ ଭାରତ ନିଜର ସ୍ଥିତି ସ୍ପଷ୍ଟ କରୁ ବୋଲି ସେ କହିଛନ୍ତି।

### ଅଧିକ ଟାରିଫ୍ ଚେତାବନୀ

ଦିନକୁ ଦିନ ଟାରିଫ୍ ପ୍ରସଙ୍ଗରେ ଭାରତ ପାଇଁ ଆମେରିକା ସହ କୂଟନୀତିର ପଥ ଆହୁରି କଠିନ ହେଉଛି। ଫ୍ଲୋରିଡାରୁ ୱାଶିଂଟନ ଡିସି. ଯାତ୍ରା ସମୟରେ ଟ୍ରମ୍ପ ଏୟାର ଫୋର୍ସ ୱାନରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ,ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଅସନ୍ତୋଷ ବିଷୟରେ ଅବଗତ। ସେ ଏହା ମଧ୍ୟ କହିଛନ୍ତି ଯେ ଆମେରିକା ଭାରତୀୟ ସାମଗ୍ରୀ ଉପରେ ଦ୍ରୁତ ଗତିରେ ଶୁଳ୍କ ବୃଦ୍ଧି କରିପାରେ।ସେମାନେ ମୋତେ ଖୁସି କରିବାକୁ ଚାହୁଁଥିଲେ। ମୋଦି ଜଣେ ବହୁତ ଭଲ ବ୍ୟକ୍ତି; ସେ ଜାଣିଥିଲେ ଯେ ମୁଁ ଖୁସି ନୁହେଁ। ତେଣୁ ସେ ମୋତେ ଖୁସି କରିବା ଗୁରୁତ୍ୱପୂର୍ଣ୍ଣ କଥା। ସେମାନେ ବ୍ୟବସାୟ କରୁଛନ୍ତି, ଆମେ ସେମାନଙ୍କ ଉପରେ ଖୁବ୍ ଶୀଘ୍ର ଶୁଳ୍କ ବୃଦ୍ଧି କରିବୁ। ଏହା ସେମାନଙ୍କ ପାଇଁ ବହୁତ ଖରାପ ହେବ।

ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ) ର ସଦ୍ୟତମ ରିପୋର୍ଟ ସ୍ପଷ୍ଟ କରିଛି ଯେ ଭାରତକୁ ଏବେ ରୁଷ ତେଲ ଆମଦାନୀ ଉପରେ ତାର ସ୍ଥିତି ସ୍ପଷ୍ଟ କରିବାକୁ ପଡିବ। ପ୍ରକୃତରେ, ଟ୍ରମ୍ପ ଜାନୁଆରୀ ୪ରେ ସ୍ପଷ୍ଟ ଭାବରେ ଚେତାବନୀ ଦେଇଥିଲେ ଯେ ଯଦି ଭାରତ ରୁଷ ତେଲ କିଣିବା ବନ୍ଦ ନ କରେ, ତେବେ ଭାରତୀୟ ସାମଗ୍ରୀ ଉପରେ ଆମେରିକାର ଶୁଳ୍କ କରାଯିବ। ରିପୋର୍ଟ ଅନୁସାରେ, ଆମେରିକୀୟ ସେନେଟର ଲିଣ୍ଡସେ ଗ୍ରାହାମ ଏପରି ଆଇନ ପ୍ରଣୟନ କରିବାକୁ ପ୍ରସ୍ତୁତ ହେଉଛନ୍ତି ଯାହା ରୁଷ ସହିତ ବାଣିଜ୍ୟ କରୁଥିବା ଦେଶମାନଙ୍କ ପାଇଁ କଷ୍ଟ ବଢ଼ାଇବ। ଏହି ପ୍ରସ୍ତାବ ଅନୁଯାୟୀ, ଯଦି ରୁଷ ୫୦ ଦିନ ମଧ୍ୟରେ ୟୁକ୍ରେନ୍‌ରେ ଯୁଦ୍ଧବିରତି ପାଇଁ ରାଜି ନ ହୁଏ, ତେବେ ରୁଷୀୟ ତୈଳ ଏବଂ ଗ୍ୟାସ କ୍ରୟ କରୁଥିବା ଦେଶଗୁଡ଼ିକ ଉପରେ କଠୋର ଦ୍ୱିତୀୟ ଶୁଳ୍କ ଲାଗୁ କରାଯିବ। ଏହାର ଅର୍ଥ ହେଉଛି ଯେ ଭାରତ ପାଇଁ ଆମେରିକା ସହିତ ବାଣିଜ୍ୟ କରିବା ଯଥେଷ୍ଟ ମହଙ୍ଗା ହୋଇଯିବ। ଭାରତୀୟ ରପ୍ତାନି ପୂର୍ବରୁ ଚାପ ମଧ୍ୟରେ ଅଛି। ୨୦୨୫ ମେ' ଏବଂ ନଭେମ୍ବର ମଧ୍ୟରେ, ଆମେରିକାକୁ ଭାରତୀୟ ରପ୍ତାନି ପ୍ରାୟ ୨୦.୭% ହ୍ରାସ ପାଇଛି। ଯଦି ଶୁଳ୍କ ଆହୁରି ବୃଦ୍ଧି ପାଏ, ତେବେ ଏହା ଭାରତୀୟ ଅର୍ଥନୀତି ପାଇଁ ଏକ ବଡ଼ ଆଘାତ ହେବ।

ଯେତେବେଳେ ଆମେରିକା ଅକ୍ଟୋବରରେ ପ୍ରମୁଖ ରୁଷୀୟ ତୈଳ କମ୍ପାନୀ ରୋସନେଫ୍ଟ ଏବଂ ଲୁକ୍ ଅଏଲ୍ ଉପରେ ପ୍ରତିବନ୍ଧକ ଲଗାଇଥିଲା, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଅନେକ ରାଷ୍ଟ୍ରାୟତ୍ତ କମ୍ପାନୀ ସୂଚାଇ ଥିଲେ ଯେ ସେମାନେ ରୁଷରୁ ତେଲ କିଣିବା ବନ୍ଦ କରିବେ। ତଥାପି, ରୁଷୀୟ ତୈଳ ଆମଦାନି ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇନାହିଁ। ଆମଦାନୀ ପରିମାଣ ହ୍ରାସ ପାଇଥିଲେ ମଧ୍ୟ, ଯୋଗାଣ ଜାରି ରହିଛି। ଜିଟିଆର୍‌ଆଇ ଏହି ପରିସ୍ଥିତିକୁ "ରଣନୈତିକ ଗ୍ରେ ଜୋନ୍" ବୋଲି କହିଛି। ରିପୋର୍ଟରେ ବିଶ୍ୱାସ କରାଯାଇଛି ଯେ ଏହି ଅନ୍ଧକାରମୟ ପରିସ୍ଥିତି ଏବେ ଭାରତ ପାଇଁ କ୍ଷତିକାରକ ପ୍ରମାଣିତ ହେଉଛି।

ଏବେ ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ଯେ ଯଦି ଭାରତ ଆଜି ରୁଷ ତେଲ କିଣିବା ସମ୍ପୂର୍ଣ୍ଣ ବନ୍ଦ କରିଦିଏ, ତେବେ କ'ଣ ଆମେରିକାର ଚାପ ଶେଷ ହେବ। ଏହାର କୌଣସି ଗ୍ୟାରେଣ୍ଟି ନାହିଁ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ତେଲ ପରେ, ୱାଶିଂଟନର ପରବର୍ତ୍ତୀ ଲକ୍ଷ୍ୟ କୃଷି, ଦୁଗ୍ଧ ବଜାର, ଡିଜିଟାଲ୍ ବାଣିଜ୍ୟ କିମ୍ବା ଡାଟା ଗଭର୍ଣ୍ଣାଶ ହୋଇପାରେ। ୟୁରୋପୀୟ ସଂଘ, ଜାପାନ ଏବଂ ଦକ୍ଷିଣ କୋରିଆ ମଧ୍ୟ ଆମେରିକା ସହ ଉତ୍ତେଜନା ହ୍ରାସ କରିବା ପାଇଁ ରୁଷ ତେଲ କ୍ରୟକୁ ଯଥେଷ୍ଟ ହ୍ରାସ କରିଛନ୍ତି, କିନ୍ତୁ ଭାରତର ପରିସ୍ଥିତି ଚୀନ୍ ପରି ଭୟଙ୍କର ନୁହେଁ। ଚୀନ୍ ହେଉଛି ରୁଷ ତେଲର ସବୁଠାରୁ ବଡ଼ କ୍ରେତା, କିନ୍ତୁ ବ୍ୟାପକ ଆର୍ଥିକ ପରିଣାମର ଭୟରେ ଆମେରିକା ଏହା ସହିତ ସିଧାସଳଖ ମୁକାବିଲାକୁ ଏଡ଼ାଇଯାଉଛି।

